

ଟୀପ୍ପଣୀ

# ୨୫
# ଫଟୋଗ୍ରାଫି : ଏକ ପରିଚୟ

ଆମେ ସମସ୍ତେ ଫଟୋଗ୍ରାଫ୍ ଦେଖିବାକୁ ପସନ୍ଦ କରିଥାଉ ବିଶେଷ କରି ଏହା ଯେତେବେଳେ ଆମ ପରିବାରର ତଥା ବନ୍ଧୁମାନଙ୍କର ହୋଇଥାଏ । କଣ ଆପଣଙ୍କୁ ଫଟୋ ଉଠାଇବାକୁ ଭଲ ଲାଗେ ନାହିଁ ? ଆମ ସମସ୍ତଙ୍କର ସର୍ବଦା କାଗଜ ଉପରେ ନିଜର ଛାୟା ଦେଖିବାକୁ ଇଚ୍ଛା ଥାଏ । ଆପଣ ଜାଣିଛନ୍ତି ବହୁତ ସମୟ ପର୍ଯ୍ୟନ୍ତ ଏଭଳି କରିବା ସମ୍ଭବ ନଥିଲା । ଚିତ୍ରକର ପ୍ରଥମରୁ ଲୋକଙ୍କର ଚିତ୍ର ତିଆରି କରୁଥିଲେ ପ୍ରାୟତଃ ଏହା ସଠିକ୍ ହୋଇପାରୁନଥିଲା । ଏହା ସଂଗେ ସଂଗେ ଏଥିପାଇଁ ବହୁତ ସମୟ ଉପଯୋଗ ହେବା ସହିତ ଏହାର ଖର୍ଚ୍ଚ ସମ୍ଭାଳିବା କଷ୍ଟକର ଥିଲା । କେବଳ ରାଜା ତଥା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ଚିତ୍ରକାରଙ୍କ ଜରିଆରେ ଏହା ତିଆରି କରୁଥିଲେ । ଚିନ୍ତା କରନ୍ତୁ ଯେତେବେଳେ ଫଟୋଗ୍ରାଫିର ସୃଷ୍ଟି ହେଲା କିଭଳି ଉନ୍ମାଦନା ତଥା ଉତ୍ତେଜନା ସୃଷ୍ଟି ନ ହୋଇଥିବ । ଏବେ ଲୋକମାନଙ୍କ ସମ୍ମୁଖରେ ଅସ୍ପଷ୍ଟ ତଥା ନିର୍ଭୁଲ ଫଟୋଚିତ୍ର ଦେଖାଯାଇ ପାରୁଛି ।

ସେତେବେଳ ଠୁଁ ନେଇ ଅଦ୍ୟାବଧି ଫଟୋଗ୍ରାଫି ତାର ଏକ ଲମ୍ବା ରାସ୍ତା ଅତିକ୍ରମ କରିପାରିଛି । ଏହା କଳା ଏବଂ ବ୍ୟବସାୟର ଦୁଇଟି ଅଂଶ ଅଟେ । ଆମର ଆଖପାଖର ଉଠା ଯାଉଥିବା ଫଟୋ ଆମେ ଦେଖିପାରୁଛୁ ।


**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟ ଅଧ୍ୟୟନ ପରେ ଆପଣ ନିମ୍ନ ବିଷୟରେ କାର୍ଯ୍ୟକ୍ଷମ ହୋଇପାରିବେ :

- ଫଟୋଗ୍ରାଫିର ମହତ୍ତ୍ୱ ତଥା ସମ୍ଭାବନାର ଚର୍ଚ୍ଚା
- ଫଟୋଗ୍ରାଫିର ଇତିହାସ ତଥା ବିକାଶର ଆଲୋଚନା
- ଫଟୋଗ୍ରାଫି ଶବ୍ଦ ବିଷୟରେ ଆଲୋଚନା
- ଫିଲ୍ମ ତଥା ଡ଼ିଜିଟାଲ ଫଟୋଗ୍ରାଫି ମଧ୍ୟରେ ପ୍ରଭେଦ

## ୨୫.୧ ଫଟୋଗ୍ରାଫିର ଉପଯୋଗିତା :

ଆପଣ ସର୍ବଦା ଆପଣଙ୍କ ଚତୁପାର୍ଶ୍ୱର ଫଟୋଗ୍ରାଫ୍ ଦେଖିଥାନ୍ତି । ଏହା ବସର ପଛପଟେ, ସାଇନ୍ ବୋର୍ଡ଼ ଉପରେ, କାନ୍ଥରେ, ପତ୍ରପତ୍ରିକା ମଧ୍ୟରେ ସମାହିତ ଥାଏ । ପତ୍ରପତ୍ରିକାରେ ଛପା ଯାଇଥିବା ଫଟୋଗ୍ରାଫ୍ ଆମକୁ କୌଣସି ଘଟଣା ବା ଆୟୋଜନ କରାଯିବାକୁ ଥିବା ବିଷୟରେ ସୂଚନା ପ୍ରଦାନ କରିଥାଏ । ଆପଣଙ୍କୁ ସୁନାମୀ ମନେ ଅଛି କି ? ଆପଣ ଏହାର ଛବି ସମାଚାର ପତ୍ର ତଥା ଦୂରଦର୍ଶନରେ ନିଶ୍ଚୟ ଦେଖିଥିବେ । ଏହି ଛବି ହିଁ ଆମକୁ ଏତେ ବଡ଼ ବିନାସକାରୀ ଘଟଣା ଉପରେ ସୂଚନା ପ୍ରଦାନ କରିଛି ।






ଆଜିକାଲି ସମ୍ବାଦ ପାଇଁ ଚିତ୍ର ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ ଅଟେ ଯାହା ଲେଖା ଶବ୍ଦ ଦେଇଥାଏ । ଭାରତ ଭଳି ଦେଶ ଯେଉଁଠାରେ ବହୁ ସଂଖ୍ୟକ ଲୋକ ଲେଖାପଢ଼ା ଜାଣନ୍ତି ନାହିଁ, ସେଠାରେ ଫଟୋଗ୍ରାଫିର ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟବହାର ତଥା ପ୍ରଭାବ ଦେଖାଦିଏ । ସମ୍ବାଦପତ୍ରରେ ଲିଖିତ ସମ୍ବାଦ ସହିତ ଫଟୋଗ୍ରାଫ୍ ମଧ୍ୟ ରହିଥାଏ । ଏହା ସମ୍ବାଦପତ୍ରର ମହତ୍ତ୍ୱକୁ ବଢ଼ାଇଥାଏ ତଥା ଆମେ ଯେଉଁ ସମ୍ବାଦ ପଢୁ ତାର ବିଶ୍ୱାସନୀୟତା ଆମର ଆଗରେ ବଢ଼ିଯାଏ ।

ଆପଣ ଚିନ୍ତା କରୁଛନ୍ତି ଫଟୋଗ୍ରାଫ୍ କିପରି କରାଯାଏ ? ଆପଣ ଏହି ପାଠ୍ୟରେ ଏହା ବିଷୟରେ ଜାଣିବାକୁ ପାଇବେ ।

## ୨୫.୨ ଫଟୋଗ୍ରାଫିର ସୃଷ୍ଟି ତଥା ଇତିହାସ :

ଆମେ ସମସ୍ତେ ଜାଣୁ ପ୍ରାଗ୍ ଐତିହାସିକ ଯୁଗରେ ଯେତେବେଳେ ମଣିଷ ଯୋଗାଯୋଗ ଆରମ୍ଭ କଲା ସେତେବେଳେ ଚିତ୍ର ତିଆରି ଆରମ୍ଭ ହେଲା । ଫଟୋ ବା ଚିତ୍ରର ଏହି ବିଚାରଧାରା ପରବର୍ତ୍ତୀ ସମୟରେ ପରିଷ୍କୃତ ରେଖାଙ୍କନ ବା ଚିତ୍ରକଳାର ଆଧାର ଭାବେ ରହିଥିଲା । ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଫଟୋଗ୍ରାଫି କଳାର ଉଦ୍‌ଭାବନ ହୋଇଥିଲା । ଏବେ ଆମେ ଅନ୍ତତଃ କୌଣସି ବ୍ୟକ୍ତିର ବା ଦୃଶ୍ୟର ଅସ୍ପଷ୍ଟ ଚିତ୍ର ପାଇପାରିବା । ଚଳଚିତ୍ର ସହିତ କ୍ୟାମେରା ମଧ୍ୟ ଫଟୋଗ୍ରାଫି ଆରମ୍ଭ କରିଦେଇଛି । ବହୁ ସମୟ ପର୍ଯ୍ୟନ୍ତ ଲୋକମାନେ ଏହି ଯନ୍ତ୍ର ବିଷୟରେ ଜାଣିଥିଲେ ଯାହା ବାହାର ଦୃଶ୍ୟକୁ କାନ୍ଥ ବା ପରଦା ଉପରେ ପ୍ରଦର୍ଶିତ କରୁଥିଲା କିନ୍ତୁ ଆଲୋକ ଚାଲିଯିବା ସହିତ ଚିତ୍ର ମଧ୍ୟ ଲିଭି ଯାଉଥିଲା । ଏହି ଯନ୍ତ୍ରକୁ ପିନ୍ ହୋଲ୍ କ୍ୟାମେରା ବା କ୍ୟାମେରା ଅବସିକ୍ୟୁରା କୁହାଯାଉଥିଲା ।

ଆପଣ କଣ ପିନ୍ ହୋଲ କ୍ୟାମେରା ମାଧ୍ୟମରେ କୌଣସି ଛବିକୁ ପ୍ରଦର୍ଶିତ କରିବା ପ୍ରଚେଷ୍ଟା କରିଛନ୍ତି କି ? ଆପଣ ଏହାକୁ ନିଜେ ମଧ୍ୟ କରିପାରିବେ । ଗୋଟିଏ ଲମ୍ବା ବାକ୍ସ ନିଅନ୍ତୁ ଏବଂ ଏହାର ଶେଷ ଭାଗରେ ଗୋଟିଏ କଣା କରନ୍ତୁ । ଅନ୍ୟ ପଟରେ ଗୋଟିଏ ଟ୍ରେସିଙ୍ଗ କାଗଜ ମାରିଦିଅନ୍ତୁ । ଆପଣ ଏହି ବାକ୍ସକୁ ଅବଲୋକନ କଲେ ଟ୍ରେସିଙ୍ଗ କାଗଜରେ ଏହାର ଦୃଶ୍ୟ ଦେଖିହେବ । ଏହି ପିନ୍ ହୋଲ କ୍ୟାମେରାର ଆର୍ବିଭାବ ପ୍ରାଚୀନ ସମୟରେ ଗ୍ରୀକ୍‌ର ଅଧିବାସୀ କରିଥିଲେ ଏବଂ ବହୁ ସମୟ ପର୍ଯ୍ୟନ୍ତ ଲୋକମାନେ ଏହାର ବ୍ୟବହାର କରିଥିଲେ । ଫଟୋଗ୍ରାଫି ସେତେବେଳେ ପ୍ରକୃତରେ ସମ୍ଭବ ହୋଇଥିଲା ଯେତେବେଳେ




ଚିତ୍ର ୨୫.୧

କି ରାସାୟନିକ ବ୍ୟବହାର ଦ୍ୱାରା ଆଲୋକର ବ୍ୟବସ୍ଥାକୁ ଠିକ୍ ଭାବରେ ତଥା ସ୍ଥାୟୀ ଭାବରେ ଛବି ଭାବରେ ଦୃଶ୍ୟମାନ କରାଯାଇପାରିଥିଲା ଫଳସ୍ୱରୂପ ଏହି ଛବି ଅଦୃଶ୍ୟ ହେବାର ସମ୍ଭାବନା ଦୂରୀଭୂତ ହୋଇଥିଲା ।

ଆପଣମାନେ ଯେପରି ପଢ଼ିଛନ୍ତି ଆଧୁନିକ ଫଟୋଗ୍ରାଫିର ଆବିଷ୍କାର ଦୁଇ ଫରାସୀ ବ୍ୟକ୍ତି ଜୋସେଫନିସ୍ ଏବଂ ଲୁଇସ୍ ଡ଼ୋଗ୍ୟୁରେଙ୍କ ଦ୍ୱାରା କରାଯାଇଥିଲା । ୧୮୨୭ରେ ନିସ୍‌ଙ୍କ ଦ୍ୱାରା ନିଆଯାଇଥିବା ଫଟୋଗ୍ରାଫ୍ ଦୁନିଆର ସବୁଠାରୁ ପ୍ରଥମ ଫଟୋଗ୍ରାଫ ରୂପରେ ଜଣାଯାଇଥାଏ । ଆପଣ ଜାଣିଛନ୍ତି ଏହି ଗୋଟିଏ ଫିଲ୍ମ ବା ଫଟୋର ଦୃଶ୍ୟ ସର୍ବ ସମ୍ମୁଖକୁ ପ୍ରଦର୍ଶନ ପାଇଁ ସାତ ଘଣ୍ଟା ସମୟ ଲାଗିଥିଲା । ଯାହାକି ଆଜିକାଲି କ୍ୟାମେରା ବଟମ ଦବାଇଲେ ସାଙ୍ଗେ ସାଙ୍ଗେ ଏହା କ୍ୟାମେରାରେ ରହିଯାଉଛି । ନିସ୍‌ଙ୍କ ସାଙ୍ଗ ଲୁଇସ୍ ଡ଼ାଗ୍ୟୁରେ ଫଟୋ ଉଠାଇବା ବିଦ୍ୟାରେ ଅନେକ ପରିବର୍ତ୍ତନ କରିଥିଲେ ଏବଂ ୧୮୩୯ ମସିହାରେ ଫଟୋଗ୍ରାଫି ସେହି ଲୋକମାନଙ୍କ ପାଇଁ ଏକ ସହଜ ମାଧ୍ୟମ ହୋଇଗଲା ଯେଉଁମାନେ ଏହାକୁ ବ୍ୟବହାର ପାଇଁ ଚାହୁଁଥିଲେ ।

ଏହା କହିବା ଅତ୍ୟନ୍ତ ଜରୁରୀ ଅଟେ ଯେ ପ୍ରାଥମିକ ପଚାଶ ବର୍ଷରେ ଫଟୋଗ୍ରାଫି ସେତେ ସହଜ ସାଧ ବ୍ୟାପାର ନଥିଲା ଯାହାକି ଆଜି ଲାଗୁଛି । କ୍ୟାମେରା ବହୁତ ବଡ଼ ଥିଲା ତା ସଂଗେ ସଂଗେ ଏହାକୁ ବ୍ୟବହାର ପାଇଁ ଷ୍ଟାଣ୍ଡର ସାହାଯ୍ୟ ନିଆଯାଉଥିଲା । ଆପଣଙ୍କର ଜେଜେ ବାପା ମା ଫଟୋ ଉଠାଇବା ପାଇଁ ଷ୍ଟୁଡ଼ିଓକୁ ଯିବା ଦରକାର ହେଉଥିବ ଏବଂ ଏଥିପାଇଁ ସେମାନଙ୍କୁ କ୍ୟାମେରା ଆଗରେ ସ୍ଥିର ମୁଦ୍ରାରେ ବସିବାକୁ ପଡୁଥିବ । ୧୯୦୦ ମସିହା ପରେ ସହଜ ବ୍ୟବହାର ହୋଇପାରୁଥିବା ହାଲୁକା କ୍ୟାମେରା ପ୍ରସ୍ତୁତ ହେଲା ଯାହାପାଇଁ ବିନା ଷ୍ଟାଣ୍ଡ ଏବଂ ଅତି ସହଜ ଭାବରେ ସବୁଠାରୁ ବ୍ୟବହାର ହୋଇପାରିଲା ।



ଚିତ୍ର ୨୫.୨(b)



ଚିତ୍ର ୨୫.୨(b)

## ୨୫.୩ ଫଟୋଗ୍ରାଫିର ସଂଜ୍ଞା :

ସାଧାରଣ ଭାବରେ ଫଟୋଗ୍ରାଫି କହିଲେ 'ଆଲୋକ ସହିତ ରେଖାଚିତ୍ର'କୁ ବୁଝାଇଥାଏ । ଫଟୋଗ୍ରାଫି ଶବ୍ଦ ଦୁଇଟି ଶବ୍ଦର ସଂଯୋଗରେ ସୃଷ୍ଟି ଯାହାକୁ ଆପଣ ଅଲଗା ଭାବରେ ଦେଖିପାରନ୍ତି । ଏଠାରେ ଫଟୋର ଅର୍ଥ ଆଲୋକ ତଥା ଗ୍ରାଫିର ଅର୍ଥ ରେଖାଚିତ୍ରକୁ ବୁଝାଇଥାଏ । ସୁତରାଂ କ୍ୟାମେରା ସାହାଯ୍ୟରେ କୌଣସି ଦୃଶ୍ୟର ଅନୁଭୂତିକୁ ତିଆରି କରିବାକୁ ଫଟୋଗ୍ରାଫି କୁହାଯାଏ ।

ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନ ୨୫.୧

୧. ଫଟୋଗ୍ରାଫିର ସଂଜ୍ଞା ଲେଖନ୍ତୁ ।

୨. ଉପଯୁକ୍ତ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) ଫଟୋଗ୍ରାଫି ମଧ୍ୟ ସମ୍ବାଦ ପାଇଁ ____ ଶବ୍ଦ ଭଳି ମହତ୍ତ୍ୱପୂର୍ଣ୍ଣ ଅଟେ ।

(ଖ) ଫଟୋଗ୍ରାଫିର ଆବିଷ୍କାର ____ ର ଦୁଇବ୍ୟକ୍ତିଙ୍କ ଦ୍ୱାରା ହୋଇଥିଲା ।

(ଗ) ____ କ୍ୟାମେରା ଆମକୁ ଭୂପୃଷ୍ଠକୁ କୌଣସି ଦୃଶ୍ୟର ଛବିକୁ ଉଠାଇବାରେ ସୁଯୋଗ ଦେଇଥାଏ ।

(ଘ) ପ୍ରାରମ୍ଭିକ କ୍ୟାମେରା ବଡ଼ ଥିଲା ସୁତରାଂ ଏହାକୁ ____ ସାହାଯ୍ୟରେ ରଖାଯାଉଥିଲା ।

(ଙ) ଶବ୍ଦ ଗ୍ରାଫିର ଅର୍ଥ ____ ଅଟେ ।


୩. ଆପଣଙ୍କ ପସନ୍ଦ ମୁତାବକ ତିନୋଟି ଚିତ୍ରର ବର୍ଣ୍ଣନା କରନ୍ତୁ ଯାହାକୁ ଆପଣ ଏବେ ଦେଖିଛନ୍ତି ।

## କ୍ରିୟାକଳାପ ୨୫.୧

ଭାଗ ୨୫.୨ରେ ଦିଆଯାଇଥିବା ପରାମର୍ଶ ଅନୁସାରେ ଗୋଟିଏ ପିନ୍ ହୋଲ୍ କ୍ୟାମେରା ତିଆରି କରନ୍ତୁ ।

### ୨୫.୪ ଫିଲ୍ମ ଫଟୋଗ୍ରାଫି

ଯେପରି ଆପଣ ଶିକ୍ଷା କରିଛନ୍ତି କ୍ୟାମେରା ଏବଂ ଫିଲ୍ମ ଏଇ ଦୁଇଟି ଫଟୋଗ୍ରାଫି ପାଇଁ ମହତ୍ତ୍ୱପୂର୍ଣ୍ଣ ଯୋଡ଼ି ଅଟେ । ଫିଲ୍ମ ଆଲୋକ ପ୍ରତି ସଂବେଦନଶୀଳ ଅଟେ ସୁତରାଂ ବଟମକୁ ସ୍ପର୍ଶ କରି ଯେତେବେଳେ ଆମେ ଏହାକୁ ଆଲୋକର ସମ୍ମୁଖକୁ ଆଣୁ ଆଲୋକ ପ୍ରଭାବର ପ୍ରତିଛବି ଏଥିରେ ଫିଲ୍ମରେ ହୋଇଥାଏ । ଏହି ଫିଲ୍ମକୁ ପ୍ରୟୋଗଶାଳାରେ ଧୁଆଯାଏ ଏବଂ ଆମେ ଉଠାଇଥିବା ଚିତ୍ରକୁ ଦେଖିବାରେ ସକ୍ଷମ ହୋଇଥାଉ । ଆପଣଙ୍କୁ ଆପଣଙ୍କ ଜେଜେ ବାପା ମାଙ୍କ ଫଟୋଗ୍ରାଫ୍ ମନେଅଛି ଯେଉଁଥିରେ ରଙ୍ଗ ନାହିଁ ତଥା ଯାହା କଳାଧଳା ଅଟେ । ସମ୍ବାଦପତ୍ରରେ ମଧ୍ୟ ଏହିଭଳି ଚିତ୍ର ଦେଖିବାକୁ ମିଳେ । ବହୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଫଟୋଗ୍ରାଫ କଳାଧଳା ଥିଲା କାରଣ ଫିଲ୍ମ ରଂଗର ଅଙ୍କନ କରିପାରୁ ନଥିଲା । ରଙ୍ଗୀନ ଫିଲ୍ମ ବହୁତ ସମୟ ପରେ ତିଆରି ହୋଇଥିଲା ।




ଚିତ୍ର ୨୫.୩



ଟୀପ୍ପଣୀ

ଆପଣଙ୍କୁ ଆପଣଙ୍କର ପିଲାଦିନର ସେହି ଅଭୁଲା ସ୍ମୃତି ମନେଥିବ ଯେପରି ଆପଣଙ୍କ ଜନ୍ମଦିନ ପାର୍ଟି, କୌଣସି ମନୋରମ ସ୍ଥାନକୁ ଭ୍ରମଣ ଯେଉଁଠାରେ ଆପଣଙ୍କର ପିତାମାତା ଆପଣଙ୍କର ଫଟୋ ଉଠାଇଥିବେ । ଏହାପରେ ଆପଣଙ୍କର ସେହି ଫିଲ୍ମରୋଲକୁ ଫଟୋ ଲାବ୍‌ରେ ଦିଆଯାଇଥିବ ତଥା ଗୋଟିଏ ଦିନ ପରେ ଫଟୋଚିତ୍ର ଆପଣ ପାଇଥିବେ । ଆପଣ ଚିନ୍ତା କେବେ କରିଛନ୍ତି ଏହି ଫଟୋ ଲାବ୍‌ରେ କଣ ହୁଏ । ଏଠାରେ ପୁରା ଅନ୍ଧକାର କୋଠରୀରେ ଫିଲ୍ମକୁ ଏହାର ଖୋଳରୁ ବାହାର କରି ଦିଆଯାଏ । ଫିଲ୍ମ ଉପରେ ଆଲୋକର ସୁପରିବାହୀ କିଛି ରାସାୟନିକ ପଦାର୍ଥର ଏକ ପ୍ରସ୍ତ ଥାଏ ଯାହାକି ରସାୟନର ପ୍ରଭାବରେ ଧୁଆଯାଏ । ଏହି ପ୍ରକ୍ରିୟା ଫିଲ୍ମରୁ ଚିତ୍ରକୁ ଆଣିବାରେ ସାହାଯ୍ୟ କରେ କାରଣ ସବୁ ରସାୟନର ପ୍ରଭାବ ମିଳାଇଯାଏ ତଥା ଫିଲ୍ମ ଉପରେ ଅଙ୍କିତ ଚିତ୍ର ସ୍ଥିର ହୋଇଯାଏ ଯେପରି ଆଖିକୁ ଦୃଶ୍ୟ ହୋଇପାରିବ । ଏବେ ଫିଲ୍ମ ଉପରେ ଅଙ୍କିତ ଚିତ୍ର ଆମ ପାଖରେ ନେଗେଟିଭ୍‌ର ରୂପରେ ଆସିଥାଏ ଯାହାର ଅର୍ଥ ଗଭୀର ସ୍ଥାନରେ ହାଲୁକା ଅଙ୍କନ ତଥା ହାଲୁକା ସ୍ଥାନରେ ଗଭୀର ଅଙ୍କନ ଅଟେ ।

ଏବେ ନେଗେଟିଭ୍‌କୁ ଫିଲ୍ମର ମାଧ୍ୟମରେ ଫଟୋଗ୍ରାଫିକ କାଗଜ ଉପରେ ଆଲୋକ ସଂଚାଳନ କରାଯାଏ ଯାହା ଫିଲ୍ମ ସଦୃଶ୍ୟ ଆଲୋକ ସୁପରିବାହୀ ଅଟେ । ଏହି କାଗଜ ମଧ୍ୟ ରାସାୟନିକରେ ଧୁଆଯାଏ ତଥା ପ୍ରକୃତ  ଚିତ୍ର ବା ଛବି ଆମ୍ଭମାନଙ୍କ ପାଖକୁ ଆସିଥାଏ । ଏହି ପ୍ରକାର ଆପଣମାନେ ଦେଖିଲେ ଛବି






Fig. 25.4



ଉଠାଇବା ଠାରୁ ନେଇ ବାସ୍ତବିକ ପ୍ରିଣ୍ଟ ପାଇବା ପର୍ଯ୍ୟନ୍ତ ଆମକୁ ବିଭିନ୍ନ ଅବସ୍ଥା ଦେଇ ଗତି କରିବାକୁ ପଡ଼େ । ଫିଲ୍ମ ନେଗେଟିଭ୍ ଦ୍ୱାରା ଆଲୋକର ସହାୟତାରେ ଛବି ପ୍ରାପ୍ତ କରିବାର ଏହି ପ୍ରକ୍ରିୟାକୁ ଅପଟିକାଲ୍ ପ୍ରକ୍ରିୟା କୁହାଯାଏ ।

## ୨୫.୫ ଡିଜିଟାଲ୍ ଫଟୋଗ୍ରାଫି :

ଆଜିକାଲି ଫଟୋଗ୍ରାଫି କ୍ଷେତ୍ରରେ ନୂତନ କୌଶଳର ଆଗମନ ହୋଇଛି ଯାହାକୁ ଡିଜିଟାଲ ଫଟୋଗ୍ରାଫି କୁହାଯାଉଛି । ଆପଣ ଏବଂ ଆପଣଙ୍କର ସାଙ୍ଗମାନଙ୍କ ପାଖରେ ଏହି ଡିଜିଟାଲ୍ କ୍ୟାମେରା ନିଶ୍ଚୟ ଥିବ ।

ମୋବାଇଲ୍ ଫୋନ୍‌ରେ ଯେଉଁ କ୍ୟାମେରା ଦେଖାଯାଏ ତାହା ମଧ୍ୟ ଡିଜିଟାଲ୍ କ୍ୟାମେରା ।


ଫିଲ୍ମ କ୍ୟାମେରା ଯାହା ଉପରେ ବର୍ଣ୍ଣନା କରାଯାଇଛି ଧିରେ ଧିରେ ଦେଖାଯାଉଛି ଏହାର ବ୍ୟବହାର ମଧ୍ୟ ବନ୍ଦ ହୋଇଯିବ କାରଣ ଡିଜିଟାଲ୍ କ୍ୟାମେରାର ସାହାଯ୍ୟରେ ଫଟୋଗ୍ରାଫି ଅଧିକ ଶସ୍ତା ତଥା ବ୍ୟବହାରରେ ସହଜ ଅଟେ । ଡିଜିଟାଲ୍ ଫଟୋଗ୍ରାଫିକୁ ବହୁ ଉପଯୋଗୀ କରିବାର ବିଶେଷ ଭାବରେ ଦୁଇଟି କାରଣ ପ୍ରମୁଖ ଅଟେ । ପ୍ରଥମତଃ ଯେଉଁ ଚିତ୍ର ଉତ୍ତୋଳନ କରାଗଲା ତାହା ତୁରନ୍ତ କ୍ୟାମେରାର ପଛରେ ଥିବା ପରଦାରେ ଦେଖିବାକୁ ମିଳିଲା ଏବଂ ଦ୍ୱିତୀୟରେ ଡିଜିଟାଲ୍ ଫଟୋଗ୍ରାଫିରେ ଫିଲ୍ମ ରିଲ୍‌ର କୌଣସି ଆବଶ୍ୟକତା ନଥାଏ । ଏହିଭଳି ଫଟୋ ପାଇବା ପାଇଁ ନାହିଁ ଆମକୁ ପ୍ରୟୋଗଶାଳା ବା ଷ୍ଟୁଡ଼ିଓକୁ ଯାଇ ଫିଲ୍ମ ଧୁଆ ତଥା ସମୟ ଦେଇ ଠିଆ ତଥା ଅପେକ୍ଷା କରିବାକୁ ପଡ଼େନାହିଁ ।

ଏଥିରେ କ୍ୟାମେରା ଛବିକୁ ଏକ ମେମୋରି ଚିପ୍‌ରେ ଅଙ୍କନ କରିଥାଏ ଯାହା ତାହାର ଭିତରେ ଥାଏ । ଯେତେବେଳେ ଏହି ଚିପ୍ ଛବିରେ ପୂର୍ଣ୍ଣ ହୋଇଯାଏ କମ୍ପ୍ୟୁଟର ମାଧ୍ୟମରେ ଏହାକୁ ସୁରକ୍ଷିତ ଭାବରେ କଢ଼ାଯାଏ । ଫଳରେ କ୍ୟାମେରା ଚିପ୍ ଖୋଲି ହୋଇଯାଏ ଏବଂ ଚିତ୍ର ଉତ୍ତୋଳନ ପାଇଁ ଏଥିରେ ସ୍ଥାନ ହୋଇଯାଏ । କ୍ୟାମେରାକୁ କମ୍ପ୍ୟୁଟର୍‌ରେ ଯୋଡ଼ିବାର କ୍ଷମତା ସହିତ ଚିତ୍ରର ପ୍ରିଣ୍ଟ ଗ୍ରହଣ କରିବା ତଥା ଇଣ୍ଟରନେଟ୍ ସହାୟତାରେ ଏହାକୁ ଦୁନିଆର କୌଣସି ଯାଗାକୁ ପଠାଇବାର ମଧ୍ୟ ଏହା ସହଜ ହୋଇଥାଏ । ଏତିକି ନୁହେଁ ଆହୁରି ମଧ୍ୟ ଅନେକ ଗୁଡ଼ିଏ ସଫଟ୍‌ୱେର ପ୍ରୋଗ୍ରାମର ସହାୟତାରେ ଏହି ଫଟୋଗ୍ରାଫକୁ କମ୍ପ୍ୟୁଟର୍‌ରେ ଅନେକ ପରିବର୍ତ୍ତନ ତଥା ନୂତନ ରୂପରେଖ ଦିଆଯାଏ ଏହାକୁ ସୁନ୍ଦର ସାବଲୀଳ କରାଯାଏ । ସୁତରାଂ ଆପଣମାନେ ଦେଖିପାରିବେ ଫଟୋଗ୍ରାଫିର ଭବିଷ୍ୟତ ଡିଜିଟାଲ୍ ଉପରେ ହିଁ ରହୁଅଛି ।

ଆସନ୍ତୁ ଫିଲ୍ମ ତଥା ଡ଼ିଜିଟାଲ୍ କ୍ୟାମେରା ମଧ୍ୟରେ ଥିବା ପ୍ରଭେଦକୁ ପ୍ରଦର୍ଶନ କରିବା ।

**ତାଲିକା ୨୫.୧**

| ଫିଲ୍ମ କ୍ୟାମେରା | ଡିଜିଟାଲ୍ କ୍ୟାମେରା |
|---|---|
| ୧. ରସାୟନ ସୁପରିବାହୀ ଫିଲ୍ମ ଉପରେ ଚିତ୍ର ନେଗେଟିଭ୍ ତିଆରି ପାଇଁ ଚିତ୍ରାଙ୍କନ | ୧. ଫଟୋକୁ ଡ଼ିଜିଟାଲ୍ ସାଙ୍କେତିକ ରୂପରେ ଅଙ୍କିତ କରି ଚିପ୍ ମାଧ୍ୟମରେ ସଂଗ୍ରହ କରାଯାଏ । |
| ୨. ଫିଲ୍ମକୁ ଅପଟିକାଲ୍ ନେଗେଟିଭ୍ ରୂପରେ ଧୂଆ ଯାଇଥାଏ । | ୨. ଡିଜିଟାଲ୍ ଫଟୋ କ୍ୟାମେରାରେ ତୁରନ୍ତ ଦେଖିହୁଏ । ଧୂଆ ହେବାର କୌଣସି ଦରକାର ହୁଏ ନାହିଁ । |
| ୩. ଫିଲ୍ମ କ୍ୟାମେରା ବଡ଼ ଅଟେ ଏବଂ ବିନା ବ୍ୟାଟେରୀରେ ମଧ୍ୟ ଚାଳନା କରାଯାଇପାରେ । | ୩. ଡିଜିଟାଲ୍ କ୍ୟାମେରା ଛୋଟ ଅଟେ ଏବଂ ଏଥିପାଇଁ ବ୍ୟାଟେରୀର ପୂର୍ଣ୍ଣ ସହାୟତା ଦରକାର । |
| ୪. ଫିଲ୍ମ କ୍ୟାମେରାର ଛବିକୁ ଲାବରେ ପ୍ରିଣ୍ଟ କରିବାକୁ ପଡ଼େ । | ୪. ଡିଜିଟାଲ୍ କ୍ୟାମେରାର ଛବିକୁ କମ୍ପ୍ୟୁଟର ଦ୍ୱାରା କପି କରାଯାଇ ତଥା ପ୍ରିଣ୍ଟକରାଯାଏ । |
| ୫. ଫିଲ୍ମ କ୍ୟାମେରାର ଫଟୋକୁ ମନୁଷ୍ୟ ନିଜେ ପଠାଇଥାଏ ଯାହା ସମୟ ସାପେକ୍ଷ । | ୫. ଡିଜିଟାଲ୍ କ୍ୟାମେରାର ଫଟୋକୁ ଇ-ମେଲ୍ ମାଧ୍ୟମରେ କମ୍ପ୍ୟୁଟର୍ ସହାୟତାରେ ଅତି କମ୍ ସମୟ ମଧ୍ୟରେ ସହଜରେ ପଠାଯାଇଥାଏ । |




ଚିତ୍ର ୨୫.୬ ଡିଜିଟାଲ୍ କାର୍ଯ୍ୟଧାରା

## ପାଠ୍ୟଗତ ପ୍ରଶ୍ନ ୨୫.୨

୧. ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର ।

(କ) ଫିଲ୍ମ କ୍ୟାମେରା ଫିଲ୍ମର ପ୍ରୟୋଗଶାଳା ଯାହା ______ ସୁପରିବାହୀ ଅଟେ ।

(ଖ) ମୋବାଇଲ ଫୋନ୍‌ରେ ଆପଣ ଯେଉଁ କ୍ୟାମେରା ଦେଖନ୍ତି, ତାହା ______ କ୍ୟାମେରା ଅଟେ ।

(ଗ) ଫିଲ୍ମ ନେଗେଟିଭ୍ ଗଭୀର କ୍ଷେତ୍ର ______ ରୂପରେ ସ୍ୱଷ୍ଟ ହୁଏ ।

(ଘ) ଗୋଟିଏ ଡ଼ିଜିଟାଲ୍ କ୍ୟାମେରା ଫିଲ୍ମ କ୍ୟାମେରା ଠାରୁ ______ ଅଟେ ।

(ଙ) ଡିଜିଟାଲ୍ କ୍ୟାମେରା ସଂକେତକୁ ______ ରେ ସଂଗୃହୀତ କରିଥାଏ ।

## କାର୍ଯ୍ୟକଳାପ ୨୫.୨

୧. ଗୋଟିଏ ଫିଲ୍ମ ନେଗେଟିଭ୍ ନେଇ ଦେଖନ୍ତୁ ଏହା କିପରି ଅଟେ ।

୨. ଘର ପାଖରେ ଥିବା ଫଟୋ ଷ୍ଟୁଡ଼ିଓକୁ ଯାଇ ଦେଖନ୍ତୁ, ଏହା କ'ଣ କାମ କରୁଅଛି ।

## ୨୫.୬ ଆପଣ କ'ଣ ଶିଖିଲେ :

⇨ ଫଟୋଗ୍ରାଫିର ମହତ୍ତ୍ୱ
- ◆ ସମାଚାରରେ ଚିତ୍ରର ମହତ୍ତ୍ୱ
- ◆ ଚିତ୍ରର ପ୍ରଭାବ

⇨ ବିକାଶ ଓ ଇତିହାସ
- ◆ ରେଖାଙ୍କନ, ଚିତ୍ରକଳା ଠାରୁ ଫଟୋଗ୍ରାଫି ପର୍ଯ୍ୟନ୍ତ

ଟୀପ୍ପଣୀ

- ◆ ପିନ୍ ହୋଲ୍ କ୍ୟାମେରାର ସାହାଯ୍ୟରେ ଚିତ୍ର ଉତ୍ତୋଳନ
- ◆ ଆଧୁନିକ ଫଟୋଗ୍ରାଫିର ଆବିଷ୍କାର

⇨ ଫଟୋଗ୍ରାଫିର ସଂଜ୍ଞା

⇨ ଫିଲ୍ମ ଫଟୋଗ୍ରାଫି

- ◆ ଫିଲ୍ମ କ୍ୟାମେରା
- ◆ ଧଳାକଳା ଫଟୋଗ୍ରାଫି
- ◆ ରଙ୍ଗୀନ ଫଟୋଗ୍ରାଫି
- ◆ ଯାନ୍ତ୍ରିକ ଆଧାର ବା ସହାୟତା

⇨ ଡ଼ିଜିଟାଲ୍ ଫଟୋଗ୍ରାଫି

- ◆ ଡ଼ିଜିଟାଲ୍ ଫଟୋଗ୍ରାଫି
- ◆ ଯାନ୍ତ୍ରିକ ଆଧାର ବା ସହାୟତା

## ୨୫.୭ ପାଠ୍ୟାନ୍ତର ପ୍ରଶ୍ନ

୧. ଫଟୋଗ୍ରାଫି ଶବ୍ଦର ଅର୍ଥ କହିଲେ ଆପଣ କ'ଣ ବୁଝନ୍ତି? ଆମର ଦୈନନ୍ଦିନ ଜୀବନରେ ଫଟୋଗ୍ରାଫିର ମହତ୍ତ୍ୱ ଉପରେ ବର୍ଣ୍ଣନା କର ।

୨. ଫଟୋଗ୍ରାଫିର ଉତ୍ପତ୍ତି ତଥା ଇତିହାସ ସମ୍ପର୍କରେ ବର୍ଣ୍ଣନା କର ।

୩. ଫିଲ୍ମ ତଥା ଡ଼ିଜିଟାଲ୍ ଫଟୋଗ୍ରାଫି ମଧ୍ୟରେ ଥିବା ବିଭିନ୍ନତାକୁ ବର୍ଣ୍ଣନା କର ।

## ୨୫.୮ ପାଠ୍ୟଗତ ପ୍ରଶ୍ନର ଉତ୍ତର

୨୫.୧ ୧. ଫଟୋଗ୍ରାଫି ସାଧାରଣ ଭାଷାରେ ଆଲୋକ ସହିତ ରେଖା ଚିତ୍ରକୁ ବୁଝାଇଥାଏ । ଫଟୋଗ୍ରାଫି ଶବ୍ଦ ଦୁଇଟି ଶବ୍ଦର ମିଳନରେ ତିଆରି ହୋଇଛି । ଏଠାରେ ଫଟୋର ଅର୍ଥ ଆଲୋକ ଅଟେ ତଥା ଗ୍ରାଫିର ଅର୍ଥ ଗ୍ରାଫିକ୍ସରୁ ଆସିଅଛି ଯାହାର ଅର୍ଥ ରେଖାଚିତ୍ର ଅଟେ ।

୨. i) ଲିଖିତ ii) ଫ୍ରାନ୍ସ iii) ପିନ୍‌ହୋଲ କ୍ୟାମେରା iv) ଷ୍ଟାଣ୍ଡ୍ v) ରେଖାଚିତ୍ର

୩. ଉତ୍ତର ସବୁଛାତ୍ରଙ୍କ ପାଇଁ ଭିନ୍ନ ଭିନ୍ନ ହୋଇପାରେ ।

୨୫.୨ i) ଆଲୋକ ii) ରଂଗ iii) ଆଲୋକ iv) ଛୋଟ v) ଚିପ୍





# ୨୬

# କ୍ୟାମେରା

ପୂର୍ବବର୍ତ୍ତୀ ଅଧ୍ୟାୟରେ ଆପଣମାନେ ଫଟୋଗ୍ରାଫିରେ କ୍ୟାମେରାର ସହାୟତା ସଂପର୍କରେ ପାଠ କଲେ । ବିନା କ୍ୟାମେରାରେ କୌଣସି ଛବି ଉତ୍ତୋଳନ ଅସମ୍ଭବ ଅଟେ । ଯେଉଁ ପ୍ରକାରରେ ଡିଜିଟାଲ୍ ଫଟୋଗ୍ରାଫି ଫିଲ୍ମ ଫଟୋଗ୍ରାଫିର ସ୍ଥାନ ନେଇସାରିଛି ସେହିଭଳି କ୍ୟାମେରା ମଧ୍ୟ ନୂତନତର ପଥରେ ଏକ ପରିବର୍ତ୍ତନର ଅବସ୍ଥାରେ ଗତି କରୁଛି । କାରିଗରୀ ଜ୍ଞାନ କୌଶଳ ମଧ୍ୟରେ ପରିବର୍ତ୍ତନର ଭାବ ଦେଖାଦେଲେ ମଧ୍ୟ ଡିଜିଟାଲ୍ କ୍ୟାମେରା ଏବଂ ଫିଲ୍ମ କ୍ୟାମେରା କେବଳ ଗୋଟିଏ ସିଦ୍ଧାନ୍ତରେ ଗତିକରୁଛି, ଏହା ଆମ୍ଭମାନଙ୍କ ପାଇଁ ଜାଣିବା ଜରୁରୀ ଅଟେ । ଆପଣ ଏ ସମ୍ବନ୍ଧରେ ଏ ଅଧ୍ୟାୟରେ ପାଠ କରିବେ ।

## ଉଦ୍ଦେଶ୍ୟ :

ଏ ଅଧ୍ୟାୟରେ ଆପଣ ଏହି ବିଷୟରେ ଜାଣିପାରିବେ କ୍ୟାମେରା କାର୍ଯ୍ୟପ୍ରଣାଳୀ ସ୍ପଷ୍ଟ କରିବେ :

- ◆ କ୍ୟାମେରାର ବିଭିନ୍ନ ଯନ୍ତ୍ରାଂଶ ସମ୍ବନ୍ଧରେ;
- ◆ ଫଟୋଗ୍ରାଫି ନେବା ସମୟରେ ଲେନ୍ସର କାର୍ଯ୍ୟକାରିତା;
- ◆ ଲେନ୍ସର ବିଭିନ୍ନ ପ୍ରକାର ଭେଦକୁ ଜାଣିବା;
- ◆ ଫଟୋଗ୍ରାଫିର ଅନ୍ୟାନ୍ୟ ଦିଗ ସଂପର୍କରେ ବ୍ୟାଖ୍ୟା;

## ୨୬.୧ କ୍ୟାମେରାର କାର୍ଯ୍ୟ ପ୍ରଣାଳୀ :

ଆମେ କ୍ୟାମେରାର ଆଭ୍ୟନ୍ତରୀଣ ଅଙ୍ଗକୁ ଯାଇ ଏହା ବୁଝାଇବାକୁ ଚେଷ୍ଟା କରିବୁ କି ଏହା କିପରି କାର୍ଯ୍ୟ କରେ ଏବଂ ଏହାର ବିଭିନ୍ନ ଅଂଶ ବିଶେଷ କଣ ଅଟେ ? କ୍ୟାମେରା ସାଧାରଣତଃ ଭିତରୁ ଗୋଟିଏ କଳା ବାକ୍ସ ଅଟେ ତଥା କୌଣସି ଫଟୋଗ୍ରାଫିକୁ ନେବା ପାଇଁ ଏହା ମଧ୍ୟକୁ ଆଲୋକର ପ୍ରବେଶକୁ ଏହା ସୁଯୋଗ ଦେଇଥାଏ । ଏହି ଆଲୋକ ଏହାର ସମତଳ ଅଂଶରେ ପ୍ରତିଫଳିତ ହୋଇଥାଏ । ଏହି ସମତଳ ଅଂଶ ଦୁଇ ପ୍ରକାର କ୍ୟାମେରାରେ ଅଲଗା ଅଲଗା ଅଟେ । ଡ଼ିଜିଟାଲ୍ କ୍ୟାମେରାରେ ଏକ ଛବି ସୁପରୀବାହୀ ଅଂଶ ଥାଏ ଯାହା ଉପରେ ଆଲୋକ ପ୍ରତିଫଳନ କରେ । ଯଦି ଆବଶ୍ୟକତା ଠାରୁ ଅଧିକ ଆଲୋକ ପ୍ରବେଶ କରେ ତେବେ ଛବି ଧଳା ହୋଇଯାଏ ତଥା ଅଧିକ ଏକ୍ସପୋଜର ଫଳରେ ଏହା ଲିଭିଯାଏ । ଏହି ପ୍ରକାରର ଆଲୋକ କମ୍ ହେବା ଫଳରେ ଫଟୋ କଳା ହୋଇଥାଏ ତଥା ଏହା ଘନ ହୋଇଯାଏ । ସୁତରାଂ କ୍ୟାମେରାର ମୁଖ୍ୟ କାର୍ଯ୍ୟ ଆଲୋକକୁ ନିୟନ୍ତ୍ରିତ କରିବା ଅଟେ ।

ଏହି କାର୍ଯ୍ୟ ଦୁଇଟି ଯନ୍ତ୍ରାଂଶ ଦ୍ୱାରା ପରିଚାଳିତ ହୁଏ ।

- ◆ ସଟର
- ◆ ଅପରଚର

ଏହି ଦୁଇଟି ଆଲୋକର ନିୟନ୍ତ୍ରଣ କାମ କରେ ସଟର କବାଟ ସଦୃଶ୍ୟ ଅଟେ ଯାହା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଖୋଲିଥାଏ । ଏହା ସେକେଣ୍ଡ ଠାରୁ କମ୍ ସମୟ କିମ୍ବା ସେକେଣ୍ଡ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥାଏ । ଏହା ସେହି ସମୟ ଅଟେ ଯାହାଦ୍ୱାରା ଆଲୋକ କ୍ୟାମେରା ମଧ୍ୟକୁ ପ୍ରବେଶ କରେ । ଯଦି ଆମେ ଯେଉଁଠାରେ ଫଟୋଗ୍ରାଫି କରୁଥାଉ ଆଲୋକର ସଠିକ୍ ବ୍ୟବସ୍ଥା ନ ଥିଲେ ସଟର୍ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରଖିବା ଦରକାର ପଡ଼େ । ଯଦି ଆଲୋକ ବ୍ୟବସ୍ଥା ଠିକ୍ ଥାଏ ତେବେ ସେକେଣ୍ଡ ପର୍ଯ୍ୟନ୍ତ ଏହା ଖୋଲା ରଖାଯାଏ ।

ଏଭଳି ଭାବରେ ଅପରଚରର ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ମଧ୍ୟ କ୍ୟାମେରାରେ ପ୍ରବେଶ କରୁଥିବା ଆଲୋକକୁ ଖୋଲିବା ଏବଂ ବନ୍ଦ କରିବା ନିୟନ୍ତ୍ରଣ କରେ । ଆପଣ ମଧ୍ୟ ପାଣିଟ୍ୟାପ୍ ( ନଳ) ସହିତ ଏହାକୁ ତୁଳନା କରିପାରନ୍ତି । ଯେତେବେଳେ ଆପଣ ଟ୍ୟାପ୍‌କୁ ପୁରା ଖୋଲି ଦିଅନ୍ତି ବହୁତ ଅଧିକ ଜଳ ବାହାରକୁ ଆସିଯାଇଥାଏ ଏବଂ କମ୍ କଲେ କମ୍ ଜଳ ବାହାରକୁ ଆସିଥାଏ । ଏହିଭଳି ଅପରଚରକୁ ଆପଣ ଅଧିକ କିମ୍ବା ଆଂଶିକ ଭାବରେ ଖୋଲି ଆଲୋକକୁ ନିୟନ୍ତ୍ରଣ କରିପାରିବେ ।

ସୁତରାଂ ଫଟୋଗ୍ରାଫ୍ ନେବା ସମୟରେ କ୍ୟାମେରାରେ ଆପଣଙ୍କୁ ସଟରର ଗତିକୁ ତଥା ଅପରଚରକୁ ସଠିକ୍ ଭାବେ ରଖିବା ଦରକାର ତଥା ଅପରଚରକୁ ସଠିକ୍ ଭାବେ ନିୟନ୍ତ୍ରଣ କରିବା ଆବଶ୍ୟକ ଅଟେ । ଯେତେବେଳେ ଆପଣ ନିୟନ୍ତ୍ରିତ ବଟମ୍ ଦବାଇବେ ସଟର ସେହିଭଳି ଭାବରେ ଶୀଘ୍ର ଖୋଲିବ ତଥା ବନ୍ଦ ହେବ । ସାଧାରଣତଃ ମଧ୍ୟାହ୍ନ ସମୟରେ ଫିଲ୍ମ ସେନ୍‌ସର ଉପରେ ଚିତ୍ର ଏକ୍ସପୋଜର ବା ଅଧିକ କ୍ରିୟାଶୀଳ ହୋଇଯାଏ । ଏହା ଏକ କ୍ଲିକର ଶବ୍ଦ ଦ୍ୱାରା ସ୍ପଷ୍ଟ ହୋଇଥାଏ ଯାହାକି ଶୁଣାଯାଇଥାଏ ।

## ୨୬.୨ କ୍ୟାମେରାର ବିଭିନ୍ନ ଅଂଶ :

ସଟର ଏବଂ ଅପରଚର ବ୍ୟତୀତ କ୍ୟାମେରାରେ ଅନ୍ୟାନ୍ୟ ଅନେକ ଅଂଶ ଥାଏ ଯାହାକି ଏହାକୁ ସଂଚାଳନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । ଏବେ ଆମେ ଏହାକୁ ସୂଚୀବଦ୍ଧ କରିବା ।

- **ଭ୍ୟୁ ଫାଇଣ୍ଡର୍ : (ଦୃଶ୍ୟ ପ୍ରଦର୍ଶକ )-** ଏହା ସେଇ ବିନ୍ଦୁ ଅଟେ ଯେଉଁଠାରେ ଆମେ ଦେଖିଥାଉ ତଥା କ୍ୟାମେରାକୁ ସେଇ ଦୃଶ୍ୟପଟ୍ଟ ପର୍ଯ୍ୟନ୍ତ ନେଇଯାଇଥାଏ, ଯେଉଁଠାରେ ଆମକୁ ଫଟୋଗ୍ରାଫ୍ ନେବାକୁ ପଡ଼େ ।
- **ସଟର ରିଲିଜ୍ :** ଯେପରିକି ଏହା ସ୍ପଷ୍ଟ ହୋଇଯାଇଛି ଏହା କ୍ୟାମେରାର ଉପରେ ଅବସ୍ଥିତ ବଟମ୍ ଅଟେ ଯାହାକୁ ଦବାଯାଇ ଫଟୋଗ୍ରାଫ୍ ନିଆଯାଇଥାଏ ।
- **ଲେନ୍‌ସ :** ଲେନ୍‌ସ କ୍ୟାମେରାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଅଟେ, କାରଣ ଏହା ଏପରି ଏକ ଅଂଶ ଯାହାଦ୍ୱାରା ଆମେ ଚିତ୍ର ବା ବିଷୟବସ୍ତୁକୁ କେନ୍ଦ୍ରିତ କରୁ ଯାହାକି ଫଟୋଗ୍ରାଫକୁ ଧରି ରଖିଥାଏ । ଲେନ୍‌ସ କାଚରେ ପ୍ରସ୍ତୁତ ହୋଇଥାଏ ଯେଉଁଥିରେ ଆଲୋକର କିରଣ ତୀର୍ଯ୍ୟକ ଭାବରେ ଏକ ନିର୍ଦ୍ଧିଷ୍ଟ ଲକ୍ଷ୍ୟରେ ପ୍ରତିଫଳିତ କରିବାରେ ବିଶେଷତ୍ୱ ଅଟେ । ସୁତରାଂ ଆମେ ଯେତେବେଳେ କୌଣସି ଦୃଶ୍ୟ ବା ଚିତ୍ର ଉତ୍ତୋଳନ କରୁ ଲେନ୍‌ସ ସାହାଯ୍ୟରେ ଏହା ଗାଢ଼ କିମ୍ବା ହାଲୁକା ପ୍ରତୀୟମାନ ହୁଏ କିନ୍ତୁ ସେତେବେଳେ ଆମେ ଏହା ଉପରେ ଲକ୍ଷ୍ୟ ରଖି ଦୃଶ୍ୟ ବା ଚିତ୍ରକୁ ସ୍ପଷ୍ଟ କରିପାରିବା । ଏବେ ଆମେ ଏହାର ଚିତ୍ର ଉତ୍ତୋଳନ କରିପାରିବା । ସାଧାରଣତଃ ଅପରଚର ଲେନ୍‌ସର ଭିତରେ ସୃଷ୍ଟି ହୋଇଥାଏ ।
- **ଫୋକସିଙ୍ଗ ରିଙ୍ଗ୍ :** ଏହା ଏପରି ଏକ ଠିକ୍ କରିବା ଅଂଶ ଅଟେ ଯାହାକି ବିଷୟକୁ କେନ୍ଦ୍ରୀଭୂତ କରିବାରେ ସହାୟକ ହୋଇଥାଏ । ଏହା ସାଧାରଣତଃ ଲେନ୍‌ସ ଉପରେ ହୋଇଥାଏ ତଥା ଏଥିରେ ଏକ ମାପକ ରହିଥାଏ ଯାହା ସାହାଯ୍ୟରେ ଲେନ୍‌ସରୁ ବିଷୟର ଦୂରତା ସଂପର୍କରେ ଜଣାପଡ଼ିଥାଏ । ଏହି ରିଙ୍ଗ୍‌କୁ ଘଣ୍ଟା କଣ୍ଟାପରି ବାମ ଦକ୍ଷିଣକୁ ଚାଳନା କରି ଆମେ ଏହାକୁ ଠିକ୍ କରିଥାଉ । ଅଧିକାଂଶ ନୂଆ କ୍ୟାମେରାରେ ସ୍ୱୟଂଚାଳିତ ଫୋକସ୍ ବ୍ୟବସ୍ଥା ଥାଏ ତଥା ଏହାକୁ ସ୍ୱୟଂଚାଳିତ ଫୋକ୍‌ସ କ୍ୟାମେରା ମଧ୍ୟ କୁହାଯାଏ ।

- **ଲାଇଟ୍ ମିଟର : (ଆଲୋକ ମପାଯନ୍ତ୍ର )** - ଆପଣମାନେ ପଢ଼ିଛନ୍ତି ସଟର ତଥା ଅପରଚର ଆଲୋକକୁ ନିୟନ୍ତ୍ରିତ କରିଥାଏ ଏବଂ ଭିତରକୁ ଛବି ନେବା ସମୟରେ ଯେତିକି ଦରକାରୀ ଆଲୋକ ତାକୁ ନିୟନ୍ତ୍ରଣ କରିଥାଏ କିନ୍ତୁ ଫଟୋ ନେବା ସମୟରେ ଉପଯୁକ୍ତ ଆଲୋକର ନିର୍ଦ୍ଧାରଣ ଆମେ କିଭଳି କରିପାରିବା । ଏହା ଲାଇଟ୍ ମିଟର ବା ଆଲୋକ ମପାଯନ୍ତ୍ର ଦ୍ୱାରା ମାପ କରାଯାଇଥାଏ । ଏହି ଯନ୍ତ୍ର ହୋଇପାରେ ଭ୍ୟୁ ଫାଇଣ୍ଡର୍ ଭିତରେ ଅବସ୍ଥିତ ଥାଏ ଅଥବା ଚିତ୍ର ଦେଖାଯାଇପାରୁଥିବା ପରଦାରେ ଅବସ୍ଥିତ ଥାଏ । ବ୍ୟବହାରରେ ସରଳ ହୋଇପାରୁଥିବା କ୍ୟାମେରାରେ ସ୍ୱଚାଳିତ ବ୍ୟବସ୍ଥାପକ ଥାଏ ଯାହା ଆଲୋକକୁ ଗତି କରି ସଟର ଏବଂ ଅପରଚରରେ ସ୍ଥାପିତ କରିଥାଏ ।




ଛବି ୨୬.୧

## ପାଠ୍ୟଗତ ପ୍ରଶ୍ନ ୨୬.୧

୧. କ୍ୟାମେରାର କେଉଁ ଅଂଶ ଆଲୋକକୁ ନିୟନ୍ତ୍ରଣ କରେ ?

୨. ଦରକାର ଠାରୁ ଅଧିକ ଆଲୋକ କ୍ୟାମେରାକୁ ଗଲେ ଛବି ବା ଫଟୋର କଣ ହେବ ?

୩. କ୍ୟାମେରାରେ ଲେନ୍ସର ଭୂମିକା କ'ଣ ?

୪. ଲାଇଟ୍ ମିଟର କ'ଣ କାମ କରେ ?

୫. ଯେତେବେଳେ କ୍ୟାମେରାରେ କ୍ଲିକ୍ ଶବ୍ଦ ହୁଏ ସେତେବେଳେ କ'ଣ ହୁଏ ?


## ୨୬.୩ ଲେନ୍ସର କାର୍ଯ୍ୟ କ୍ଷମତା :

ଆପଣମାନେ ପୂର୍ବରୁ ପଢ଼ିଛନ୍ତି ଫଟୋ ଉଠାଇବା ସମୟରେ ଲେନ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଫଟୋ କିପରି ଦେଖାଯିବ ତାହା ଲେନ୍ସ ନିର୍ଦ୍ଧାରଣ କରେ । ଭଲ କ୍ୟାମେରାରେ ଆବଶ୍ୟକତା ଅନୁସାରେ

ଟୀପ୍ପଣୀ

ଲେନ୍ସ ବଦଳା ଯାଇପାରେ । ଏଭଳି କ୍ୟାମେରା ସାଧାରଣତଃ ସିଙ୍ଗଲ୍ ଲେନ୍ସ ରିଫ୍ଲେକ୍ସ୍ ଅଟେ । ଆପଣମାନେ ନିଶ୍ଚୟ ଧ୍ୟାନ ଦେଇଥିବେ ଫଟୋଗ୍ରାଫରମାନଙ୍କ ପାଖରେ ଯେଉଁ କ୍ୟାମେରା ଥାଏ ସେଥିରେ ଲମ୍ବା ଲେନ୍ସ ଥାଏ । ଯଦି ଆପଣଙ୍କୁ ଦୂରଦର୍ଶନରେ ଦେଖାଯାଉଥିବା କ୍ରିକେଟ୍ ଖେଳ ମନେଥିବ ତେବେ ଆପଣଙ୍କର ଧ୍ୟାନ ସେଥିରେ ବସିଥବା ଫଟୋଗ୍ରାଫର ଧରିଥିବା ଲମ୍ବା ଲେନ୍ସ କ୍ୟାମେରା ଉପରେ ନିଶ୍ଚୟ ଆସିଥିବ । ଲମ୍ବା ଲେନ୍ସ ଯୁକ୍ତ କ୍ୟାମେରାର ବିଶେଷ ଉଦ୍ଦେଶ୍ୟ ଥାଏ ତଥା ଏହା ବହୁ ଦୂରରେ ଥିବା ବିଷୟ ତଥା ଦୃଶ୍ୟକୁ କ୍ୟାମେରାରେ ଅତି ନିକଟତମ କରିଥାଏ । ଏହାକୁ ଟେଲିଫଟୋ ଲେନ୍ସ କୁହାଯାଏ । ଏହି ଲେନ୍ସ ସେହି ସମୟରେ ଉପଯୋଗୀ ହୋଇଥାଏ ଯେତେବେଳେ ଆପଣ କ୍ୟାମେରାକୁ ଦୃଶ୍ୟର ପାଖକୁ ନେଇ ନଥାନ୍ତି । ଯେପରି ବ୍ୟାଟ୍ସମ୍ୟାନଙ୍କ ପାଖ ପ୍ରଦର୍ଶନର ଫଟୋ ଉଠାଇବା ପାଇଁ ଆପଣ ପଡ଼ିଆକୁ ଯିବା ସମ୍ଭବ ନ ଥାଏ ସେହି ସ୍ଥାନରେ ପାଖକୁ ଯାଇପାରନ୍ତି ନି କାରଣ ସେଠାରେ ଆହତ ହେବାର ସମ୍ଭାବନା ଅଧିକ ଥାଏ । ସେହିଭଳି ଆପଣ ଗୋଟିଏ ଦୃଶ୍ୟର ଚିତ୍ର ନେବାପାଇଁ ଚାହାନ୍ତି ଯେଉଁଠାରେ ପ୍ରବଳ ଜନ ସମାଗମ ଥାଏ ତଥା ଦୃଶ୍ୟରେ ସମସ୍ତଙ୍କୁ ଦେଖିବା ଦରକାର ହୋଇଥାଏ । ଏଥିପାଇଁ ଆପଣଙ୍କୁ ୱାଇଡ୍ ଆଙ୍ଗଲ୍ ଲେନ୍ସର ଦରକାର ହେବ । ଏପରି ଭାବରେ ଲେନ୍ସରେ ଦୃଶ୍ୟ ଛୋଟ ହୋଇଥାଏ କିନ୍ତୁ ଛବିର ଦୃଶ୍ୟ ପଟରେ ଅଧିକ ସ୍ଥାନ ହୋଇଥାଏ । ଏପରି ଲେନ୍ସକୁ ୱାଇଡ୍ ଆଙ୍ଗଲ ଲେନ୍ସ କୁହାଯାଏ । ଆପଣ ଏହି ଲେନ୍ସକୁ ସେହି ଜାଗାରେ ଚିତ୍ର ଉତ୍ତୋଳନ ପାଇଁ ଉପଯୋଗ କରିପାରିନ୍ତି ଯେଉଁଠାରେ ଭୀଷଣ ଜନ ସମାଗମ ହୋଇଥାଏ ତଥା ଫଟୋଗ୍ରାଫରକୁ ପଛକୁ ଫେରିବା ପାଇଁ ଜାଗା ନ ଥାଏ । ଉଦାହରଣ ପାଇଁ ଘର ଭିତରେ ହେଉଥିବା ଜନ୍ମଦିନ ଉତ୍ସବ, ଯେଉଁଥିରେ ଅତିଥିମାନେ ମଧ୍ୟ ଉପସ୍ଥିତ ଥାନ୍ତି ବହୁ ସଂଖ୍ୟାରେ, ଫଟୋଗ୍ରାଫି ୱାଇଡ୍ ଆଙ୍ଗଲ ଲେନ୍ସରେ ବହୁତ ଉତ୍କୃଷ୍ଟ ଭାବରେ ହୋଇପାରିଥାଏ ତଥା ସେଠାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କର ମଧ୍ୟ ଫଟୋ ଆସିଥାଏ ।

ଆମେ ଏହାକୁ ଆହୁରି ସ୍ପଷ୍ଟ କରିପାରୁ ଯେ ଅଲଗା ଅଲଗା ଲେନ୍ସରେ ଅଲଗା ଅଲଗା ଆଙ୍ଗଲ ଅଫ୍ ଭ୍ୟୁ ରହିଥାଏ । ଯେତେବେଳେ ଏହା ପତଳା ହୋଇଥାଏ ଦୃଶ୍ୟ ପାଖକୁ ହୋଇଥାଏ ଯେତେବେଳେ ଏହା ଚଉଡ଼ା ମୋଟାହୋଇଥାଏ ଦୃଶ୍ୟ ଫଟୋରେ ମିଶିଥାଏ ତଥା ଦୃଶ୍ୟ ଛୋଟ ହୋଇଯାଏ ।





ଟୀପ୍ପଣୀ

ଲେନ୍ସର ଏହି କ୍ଷମତାକୁ ଆମେ ଫୋକାଲ ଲେଙ୍ଗଥର ଚାପରେ ମଧ୍ୟ ସ୍ପଷ୍ଟ କରିପାରିବା ।

**ଏହି ଫୋକାଲ ଲେଙ୍ଗଥ କ'ଣ ?**

ଫୋକାଲ୍ ଲେଙ୍ଗ୍ଥ ଫିଲ୍ମ ବା ଇମେଜ୍ ସେନ୍ସର (ଡ଼ିଜିଟାଲ୍ କ୍ୟାମେରାରେ) ମଧ୍ୟରେ ଥିବା ଦୂରତ୍ୱକୁ କୁହାଯାଏ, ଯେତେବେଳେ ଲେନ୍ସ କୌଣସି ଦୂର ଜିନିଷ ଉପରେ ପ୍ରତିଫଳିତ ହୋଇଥାଏ । ଫୋକାଲ୍ ଲେଙ୍ଗ୍ଥ ଲେନ୍ସ ଉପରେ ମିଲିମିଟରରେ ଚିତ୍ରିତ ହୋଇଥାଏ ।

ୱାଇଡ୍ ଆଙ୍ଗଲ ଲେନ୍ସରେ ଛୋଟିଆ ଫୋକାଲ୍ ଲେଙ୍ଗ୍ଥ ଥାଏ । ଯେତେବେଳେ ଫୋକାଲ୍ ଲେଙ୍ଗ୍ଥ ବୃଦ୍ଧିପାଏ ଲେନ୍ସ ଟେଲିଫୋଟୋ ରୂପରେ ହୋଇଯାଏ ତଥା ଲେନ୍ସ ଲମ୍ବା ହୋଇଯାଏ ।

ଆପଣମାନେ ଏଭଳି କ୍ୟାମେରା ଦେଖିଥିବେ ଯେଉଁଥିରେ ଗୋଟିଏ ଲେନ୍ସ ନିଶ୍ଚିନ୍ତ ଥାଏ କିନ୍ତୁ ଗୋଟିଏ ବଟମର ସହାୟତାରେ ଆପଣ ଦୃଶ୍ୟକୁ ୱାଇଡ୍ ଆଙ୍ଗଲରୁ ଟେଲିଫଟୋକୁ ବଦଳାଇ ପାରିବେ । ଉଦାହରଣ ସ୍ୱରୂପ ଆପଣ ଯେଉଁ ଦୃଶ୍ୟର ଫଟୋଗ୍ରାଫ୍ ନେଉଛନ୍ତି ତାକୁ ଦୂରକୁ କିମ୍ବା ପାଖକୁ ମଧ୍ୟ କରିପାରିବେ । ଏପରି ଲେନ୍ସ ଯାହା କୋଣ ବା ଆଙ୍ଗଲ ବଦଳାଇଥାଏ ତଥା ଟେଲିଫଟୋ ବା ୱାଇଡ୍ ଆଙ୍ଗଲ ହୋଇପାରିଥାଏ ତାକୁ ଜୁମ୍ ଲେନ୍ସ କୁହାଯାଏ ।

ଜୁମ୍ ଲେନ୍ସ ପରିବର୍ତ୍ତନୀୟ ଫୋକାଲ୍ ଲେଙ୍ଗ୍ଥ ଯୁକ୍ତ ଲେନ୍ସ ଅଟେ । ସୁତରାଂ ଯେତେବେଳେ ଫୋକାଲ୍ ଲେଙ୍ଗ୍ଥର ବୃଦ୍ଧି ଘଟେ ଯଥା ୩୫ମିମି ରୁ ୧୦୦ମିମି ଏହାର ଦୃଶ୍ୟର କୋଣ ମଧ୍ୟ ପତଳା ହୋଇଯାଏ ସେତେବେଳେ ଦୃଶ୍ୟ ପଟ୍ଟ ୱାଇଡ୍ ଆଙ୍ଗଲରୁ ଟେଲିଫଟୋକୁ ବଦଳି ଯାଏ ।

## ୨୬.୪ ଫଟୋଗ୍ରାଫିରେ ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଉପକରଣ :

ଯେହେତୁ କ୍ୟାମେରା ଫଟୋଗ୍ରାଫ୍ ଉପକରଣର ଏକ ଅନିବାର୍ଯ୍ୟ ଅଂଗ ଅଟେ ତା ସଂଗେ ସଂଗେ କିଛି ଅନ୍ୟ ଉପକରଣ ମଧ୍ୟ ଅଛି ଯାହା କ୍ୟାମେରା ସହିତ ତାର କାର୍ଯ୍ୟକ୍ଷମତାକୁ ଆହୁରି ବ୍ୟାପକ ତଥା ରୁଚିପୂର୍ଣ୍ଣ କରିଥାଏ ।

- ଫ୍ଲାସ୍ ଏଥିମଧ୍ୟରୁ ଅନ୍ୟତମ । ଏହା ଏକ ଉଚ୍ଚ ଅତିଶୟ ଆଲୋକ ଅଟେ ଯାହା ସେକେଣ୍ଡରୁ କମ୍ ହିସାବରେ ସଟରରୁ ଖୋଲିବା ମାତ୍ରେ ପ୍ରସ୍ଫୁଟିତ ହୋଇଥାଏ । ଏହା ସେତେବେଳେ କାମରେ ଲାଗିଥାଏ ଯେତେବେଳେ ଚିତ୍ର ଉତ୍ତୋଳନ ପାଇଁ ପର୍ଯ୍ୟାପ୍ତ ପରିମାଣର ଆଲୋକ ବ୍ୟବସ୍ଥା ନ ଥାଏ । ଫ୍ଲାସ୍‌ର ସହାୟତାରେ ପୂର୍ଣ୍ଣ ଅନ୍ଧକାରରେ ମଧ୍ୟ ଚିତ୍ର ଉତ୍ତୋଳନ କରାଯାଇପାରେ । କିଛି କ୍ୟାମେରାରେ ଆପଣ ଦେଖିବେ ଫ୍ଲାସ ତାର ଏକ ଅଂଶ ବିଶେଷ ଥିବ କିନ୍ତୁ ଅଧିକ ଉଚ୍ଚ କ୍ଷମତା ସମ୍ପନ୍ନ କ୍ୟାମେରାରେ ଏହା ଅଲଗା ଭାବରେ ଦିଆଯାଇଥାଏ । ଅଲଗା ଭାବରେ ଲାଗିଥିବା ଫ୍ଲାସ କ୍ୟାମେରା ଅଧିକ ଶକ୍ତିଶାଳୀ ଅଟେ ।

- ଫଟୋଗ୍ରାଫରଙ୍କର ଅନ୍ୟ ଉପଯୋଗୀ ଉପକରଣକୁ ଟ୍ରାଇପଣ୍ଡ କୁହାଯାଏ । ଯାହାର ନାମରୁ ଏହା ସ୍ପଷ୍ଟ ଯେ ଏହି କ୍ୟାମେରା ତିନୋଟି ଗୋଡ଼ ଉପରେ ନିଜକୁ ଆଧାରିତ କରିଥାଏ । କେବେ କେବେ ବ୍ୟକ୍ତିକୁ କ୍ୟାମେରା ଷ୍ଟାଣ୍ଡରେ ରଖି କାମ କରିବାକୁ ହୋଇଥାଏ କାରଣ ଏଥିରେ ଥିବା ଲେନ୍ସ ବହୁତ ଓଜନିଆ ଅଟେ । ଯେତେବେଳେ ସଟରର ଗତିକୁ ଧିର କରି ଛବି ଉତ୍ତୋଳନ କରିବାକୁ ପଡ଼େ ସେତେବେଳେ କ୍ୟାମେରା ଷ୍ଟାଣ୍ଡ ଉପରେ ରହିବା ଦରକାର ପଡ଼େ କାରଣ ଏହି ସମୟରେ ହାତରେ କ୍ୟାମେରା ଧରି ଫଟୋ ଉଠାଇଲେ ଫଟୋ ଅସ୍ଥିର ହେବାଭଳି ଲାଗିଥାଏ ବା ଫଟୋ ହଲଚଲ ହେବାର ସମ୍ଭାବନା ଅଧିକ ଥାଏ ।

ଟୀପ୍‌ପଣୀ




Fig 26.3: (a) Flash (b) tripod

କ୍ରି

ଚିତ୍ର ୨୬.୩ (କ) ଫ୍ଲାସ୍ (ଖ) ଟ୍ରାଇପଣ୍ଡ

୧. ଘର ପାଖରେ ଥିବା ଷ୍ଟୁଡ଼ିଓକୁ ଯାଇ ଫଟୋଗ୍ରାଫିରେ ବ୍ୟବହୃତ ବିଭିନ୍ନ ଲେନ୍‌ସ ଉପରେ ଜ୍ଞାନ ଲାଭ କରନ୍ତୁ ।

## ପାଠଗତ ପ୍ରଶ୍ନ ୨୬.୨

**୧. ସାଧାରଣତଃ କ୍ୟାମେରାରେ ବ୍ୟବହୃତ ହେଉଥିବା ତିନି ପ୍ରକାର ଲେନ୍‌ସର ନାମ ଲେଖନ୍ତୁ ।**

i)

ii)

iii)

**୨. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

i) _____ ଲେନ୍‌ସର ପ୍ରୟୋଗ ପଡ଼ିଆରେ ଫୁଟ୍‌ବଲ ମ୍ୟାଚର ଫଟୋଗ୍ରାଫି ପାଇଁ କରାଯାଏ ।

ii) ଜୁମ୍ ଲେନ୍‌ସରେ _____ ଫୋକାଲ୍ ଲେଙ୍ଗଥ୍ ଥାଏ ।

iii) _____ କ୍ୟାମେରାରେ ଦରକାରୀ ମୁତାବକ ଲେନ୍‌ସ ବଦଳାଇବାର ସୁବିଧା ଥାଏ ।

୩. ଦୁଇଟି ସ୍ଥିତି ସଂପର୍କରେ କୁହନ୍ତୁ ଯାହାକି ଟ୍ରାଇପାଣ୍ଡର ଫଟୋ ଉତ୍ତୋଳନର ବ୍ୟବହାରରେ ଲାଭଦାୟକ ଅଟେ ।

## ୨୬.୫ ଆପଣ କ'ଣ ଶିକ୍ଷା କଲେ

⇨ କ୍ୟାମେରାର କାର୍ଯ୍ୟ ପ୍ରଣାଳୀ

- ସଟର
- ୦

⇨ କ୍ୟାମେରାର ଅଂଶ

- ଭ୍ୟୁ ଫାଇଣ୍ଡର୍
- ସଟର ରିଲିଜ୍
- ଲେନ୍‌ସ

( ଆଲୋକ ନିୟନ୍ତ୍ରକ)



ଟୀପ୍ପଣୀ

- ◆ ଫୋକୋସିଙ୍ଗ ରିଙ୍ଗ୍
- ◆ ଲାଇଟ୍ ମିଟର

⇨ ଲେନ୍ସର ପ୍ରକାର ଭେଦ

- ◆ ଟେଲିଫଟୋ ଲେନ୍ସ
- ◆ ୱାଇଡ୍ ଆଙ୍ଗେଲ ଲେନ୍ସ
- ◆ ଜୁମ୍ ଲେନ୍ସ

⇨ ଫଟୋଗ୍ରାଫିର ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଉପକରଣ

- ◆ ଫ୍ଲାସ୍
- ◆ ଟ୍ରାଇପଡ୍

## ୨୬.୬ ପାଠ୍ୟାନ୍ତ ପ୍ରଶ୍ନ :

୧. କ୍ୟାମେରାର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ କିଏ ? ପ୍ରତ୍ୟେକ ଅଙ୍ଗର ଉପଯୋଗିତାର ବ୍ୟାଖ୍ୟା କରନ୍ତୁ ।

୨. ଏହି ତିନି ପରିସ୍ଥିତିର ଉଲ୍ଲେଖ କରନ୍ତୁ ଯେତେବେଳେ ଆପଣ ଫ୍ଲାସ୍‌ର ବ୍ୟବହାର କରନ୍ତି ତଥା ଏହାର ଉପଯୋଗର କାରଣ ମଧ୍ୟ କୁହନ୍ତୁ ।

୩. ଫଟୋଗ୍ରାଫିରେ ବ୍ୟବହୃତ ପ୍ରମୁଖ ଲେନ୍ସ କିଏ ଅଟେ ? ଏହାର ଉପଯୋଗିତାର ବ୍ୟାଖ୍ୟା କରନ୍ତୁ ।

୪. କ୍ୟାମେରାରେ ଲେନ୍ସ କେଉଁ କାମ କରେ ।

## ୨୬.୭ ପାଠ୍ୟଗତ ପ୍ରଶ୍ନର ଉତ୍ତର :

**୨୬.୧** 1. ସଟର ତଥା ଅପରଚର

2. ଛବି ଧୂଆଁଳିଆ ଧଳା ହୋଇଯାଏ ତଥା ବିବରଣୀ ଅଦୃଶ୍ୟ ହୋଇଯାଏ ।

3. ଲେନ୍ସ ସେହି ଉପକରଣ ଅଟେ ଯାହାର ସହାୟତାରେ ଆମେ ଆଲୋକ ବା ଚିତ୍ର ସେହି କ୍ଷେତ୍ରରେ ପ୍ରତିଫଳିତ କରିଥାଉ ଯାହା ଫଟୋଗ୍ରାଫ୍ ଅଙ୍କିତ କରିଥାଏ ।

4. ଲାଇଟ୍ ମିଟର ଆମକୁ ଆଲୋକର ଦରକାରୀ ମାତ୍ରା ଜଣାଇଥାଏ ଯାହା ଫଟୋ ଉତ୍ତୋଳନରେ ଜରୁରୀ ଅଟେ ।

5. ସଟର୍ ଖୋଲିଥାଏ ଏବଂ ଚିତ୍ର ଉତ୍ତୋଳନ ହୋଇଥାଏ ।

**୨୬.୨** 1. (i) ୱାଇଡ୍ ଲେନ୍ସ

(ii) ଟେଲିଫଟୋ ଲେନ୍ସ

(iii) ଜୁମ ଲେନ୍ସ

2. (i) ୱାଇଡ୍ ଲେନ୍ସ

(ii) ପରିବର୍ତ୍ତନୀୟ

(iii) SLR

3. (i) ଯେତେବେଳେ ପ୍ରଯୁକ୍ତ ଲେନ୍ସ ଭାରି ଅଟେ ।

(ii) ଯେତେବେଳେ କ୍ୟାମେରାର ସଟର ସ୍ପିଡ୍ ଧିର ହୋଇଥାଏ ।

# ୨୭

# ଫଟୋ ସାମ୍ବାଦିକତା

ଶିକ୍ଷାଲାଭ ତଥା ନିଜ ଜ୍ଞାନର ବିକାଶର ଆକାଂକ୍ଷା ମନୁଷ୍ୟ ମନରେ ସବୁବେଳେ ରହିଆସିଛି । ନୂତନ ସ୍ଥାନକୁ ଯାତ୍ରାକରି ସେ ଏହା କରିପାରିଛି । ମନୁଷ୍ୟ ଯେଉଁ ନୂଆ ବସ୍ତୁ ଦେଖିଛି ତାର ଚିତ୍ର ତିଆରି ସଂଗେ ସଂଗେ ଯାତ୍ରା ବୃତ୍ତାନ୍ତ ମଧ୍ୟ ସେ ଲିପିବଦ୍ଧ କରିଛି । ଏହପରେ ମୁଦ୍ରଣ ଆସିଲା । ମୁଦ୍ରଣ ଲିଖିତ ଶବ୍ଦକୁ ଲୋକଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ କରିପାରିଲା । ମୁଦ୍ରିତ ଶବ୍ଦ ହାତ ତିଆରି ଛବି ସହିତ ଏକତ୍ର ଥାଏ ଯାହା ସୂଚିତ କରେ କଣ ଲେଖାଅଛି । ଏଥିରେ ଜିନିଷର ଗୁଣବତ୍ତା ଉପରେ ଲୋକଙ୍କ ଜ୍ଞାନ ବୃଦ୍ଧିପାଇବା ସଂଗେ ସଂଗେ ଯାହା ସଂପର୍କରେ ଲେଖାଯାଇଛି ତାକୁ କଳ୍ପନାରେ ଚିତ୍ରିତ କରିବାରେ ସକ୍ଷମ ହୋଇପାରିବେ । ଫଟୋଗ୍ରାଫିର ଆଗମନ ସହିତ ସମାଚାର ଅଧିକ ଅଧିକାର ପ୍ରାପ୍ତି ସଂଗେ ସଂଗେ ଅଧିକ ଧ୍ୟାନ ଆକର୍ଷଣ ସହିତ ଫଟୋଚିତ୍ର ସହିତ ଦିଆଯାଉଛି । ଫଟୋଗ୍ରାଫ୍ ପତ୍ରପତ୍ରିକାରେ ପ୍ରକାଶିତ ଲିଖିତ ସମାଚାରର ସହାୟ ଆରମ୍ଭ କରିବା ସହିତ ଏଇ ପ୍ରକାରର ଫଟୋ ପତ୍ରକାରିତା ବା ଫଟୋ ସାମ୍ବାଦିକତାର ଜନ୍ମ ହୋଇଛି ।

**ଉଦ୍ଦେଶ୍ୟ :**

ଏହି ପାଠ୍ୟକ୍ରମର ଅଧ୍ୟୟନ ପରେ ଆପଣ ନିମ୍ନଲିଖିତ ବିଷୟରେ କାର୍ଯ୍ୟକ୍ଷମ ହୋଇପାରିବେ ।

- ଫଟୋ ସାମ୍ବଦିକତାର ଅର୍ଥ ସ୍ପଷ୍ଟ କରିବା
- ଫଟୋ ସାମ୍ବଦିକତାର ପ୍ରକୃତି ତଥା କ୍ଷେତ୍ରର ଚର୍ଚ୍ଚା
- ଫଟୋ ସାମ୍ବଦିକତାରେ ସଂଯୋଜନତାର ମହତ୍ତ୍ୱ ବର୍ଣ୍ଣନା
- 'ଫଟୋ ଫିଚର' ତଥା ଫଟୋ ସମ୍ପାଦକ ଶବ୍ଦର ବ୍ୟାଖ୍ୟା

## ୨୭.୧ ଫଟୋ ସାମ୍ବାଦିକତାର ଅର୍ଥ

ପ୍ରତିଦିନ ସକାଳେ ଆମେ ନିଦରୁ ଉଠିବା ମାତ୍ରେ ସମାଚାର ପତ୍ର ପଢ଼ିଥାଉ । ଏଥିରେ ସବୁବେଳେ ପ୍ରଥମ ପୃଷ୍ଠାରେ ଏକ ଚିତ୍ର ବା ଛବି ଥାଏ ଯାହା ଦିନର ମହତ୍ତ୍ୱପୂର୍ଣ୍ଣ ଖବର ସଂପର୍କରେ ଦେଖାଇଥାଏ । ଏହିଭଳି ଛବି ଫଟୋ ସାମ୍ବାଦିକତାର ଫଳସ୍ୱରୂପ ଅଟେ ।

ଯେବେ ଠାରୁ ଫଟୋଗ୍ରାଫିର ବିକାଶ ଚାଲିଛି ତଥା ଏହାର ଉପଯୋଗ ବହୁ ସହଜ ହୋଇଛି, ଏହା ପ୍ରୟୋଗ ଦୃଷ୍ଟିରୁ ବିଶେଷକୃତ ହୋଇଯାଇଛି । ଏଥିରୁ ଆପଣମାନେ ଅନୁମାନ କରିପାରୁଥିବେ ଫଟୋଗ୍ରାଫିର ଅନେଷ୍ୱଣ ବା ରହସ୍ୟ ଉଦ୍‌ଘାଟନ ପରେ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି ତଥା ନିଜର ଫଟୋଗ୍ରାଫ୍ ନେବା ପାଇଁ ସେମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି । ତତ୍‌କ୍ଷଣାତ୍


ସେମାନେ କ୍ୟାମେରା ସହିତ ଯାତ୍ରା ଆରମ୍ଭ କରିଦେଲେ ଦୂର ସ୍ଥାନର ଫଟୋ ଉତ୍ତୋଳନ କଲେ ଏବଂ ସେହି ମାନଙ୍କୁ ଦେଖାଇଲେ ଯେଉଁମାନେ ସେହି ସ୍ଥାନକୁ ଯାଇପାରୁନାହାଁନ୍ତି ।

ଦୁନିଆରେ ଯୁଦ୍ଧ ହୋଇଚାଲିଛି ଏବଂ ଫଟୋଗ୍ରାଫରମାନେ ସେଠାକୁ ଯାଇ ଫଟୋ ଉତ୍ତୋଳନ କରିଛନ୍ତି । ଏଇ ପ୍ରକାରର ଫଟୋଗ୍ରାଫ୍‌ର ପ୍ରଥମ ଯୁଦ୍ଧର ଫଟୋଗ୍ରାଫ୍‌ର ଥିଲେ । ସେଇ ସମସ୍ତ ଫଟୋକୁ ଆଜି ପର୍ଯ୍ୟନ୍ତ ଲିଖିତ ସମାଚାର ସାଙ୍ଗରେ ପ୍ରକାଶ କରିବା ସମ୍ଭବ ନ ଥିଲା ।

୧୮୮୦ ମସିହାର ପାଖାପାଖି ସମୟରେ ହାଫଟୋନ୍ ନାମକ ଏକ କଳାର ବିକଶିତ ହୋଇଛି ଯାହା ଫଳରେ ସମାଚାର ପତ୍ରରେ ଫଟୋଗ୍ରାଫର ପ୍ରକାଶନ ସମ୍ଭବ ହୋଇପାରିଛି । ଫଟୋ ସାମ୍ବାଦିକତା ଯେପରି ଆଜି ଆମେ ଜାଣିଛୁ ଆଜିକାଲି ସମ୍ବାଦ ଫଟୋଗ୍ରାଫି ନାମରେ ଜଣାଯାଉଛି । ଫଟୋଗ୍ରାଫ୍ ଯାହାକି କୌଣସି ସମାଚାରର ସହାୟତାରେ ଆସିଥାଏ ଏଇ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ ତଥା ସେଇ ଫଟୋଗ୍ରାଫର ଯିଏ ଏଇ କ୍ଷେତ୍ରରେ ବିଶେଷ ଜ୍ଞାନ ଅର୍ଜନ କରିଥାଏ ଫଟୋ ସାମ୍ବାଦିକତା ଭାବରେ ଜଣା ଯାଇଥାଏ ।

ଆମେ ଏବେ ଫଟୋ ସାମ୍ବାଦିକତାର ବିଭିନ୍ନ ରୂପ ସଂପର୍କକୁ ସ୍ପଷ୍ଟ କରିବା ।

- **କ୍ରୀଡ଼ା ଫଟୋ ସାମ୍ବାଦିକତା :** ଯେହେତୁ ଖେଳର ଆୟୋଜନ ସମାଚାରର ଏକ ବଡ଼ ଭାଗ ଅଟେ, ଏଥିରେ ଏପରି ଫଟୋ ସାମ୍ବାଦିକତା ଅଛି ଯାହାକି ଖେଳର ଛାୟାଙ୍କନ ଉପରେ ବିଶେଷଜ୍ଞ ଅଟନ୍ତି । ଏହା ଏଥିପାଇଁ କାରଣ କ୍ରୀଡ଼ା ଫଟୋଗ୍ରାଫି ବିଶେଷକୃତ ଜ୍ଞାନ କୌଶଳ ତଥା ସରାଞ୍ଜମର ଅଧିକାରୀ ଅଟନ୍ତି । ଆଜିକାଲି ଫଟୋ ସାମ୍ବାଦିକତା କୌଣସି ଏକ ନିର୍ଦ୍ଦିଷ୍ଟ କ୍ରୀଡ଼ା ନୈପୁଣ୍ୟତା ଉପରେ ବିଶେଷଜ୍ଞ ଅଟନ୍ତି । ଉଦାହରଣ ସ୍ୱରୂପ ଭାରତରେ ଅନେକ ଫଟୋଗ୍ରାଫର ଅଛନ୍ତି ଯେଉଁମାନେ କ୍ରିକେଟ୍ ଫଟୋଗ୍ରାଫିରେ ନିଜକୁ ସମର୍ପିତ କରିଛନ୍ତି କାରଣ କ୍ରିକେଟ୍ ଭାରତରେ ସର୍ବାଧିକ  ଲୋକପ୍ରିୟ ଖେଳ ଅଟେ ଯାହା ବର୍ଷସାରା ଦିନରାତି ଖେଳାଯାଇଥାଏ ।



ଚତ୍ର ୨୭.୧ (କ) ଖେଳ ଫଟୋଗ୍ରାଫ



ଚିତ୍ର ୨୭.୧ (ଖ) ଖେଳ ଫଟୋଗ୍ରାଫି



ଚିତ୍ର ୨୭.୧ (ଗ) ଖେଳ ଫଟୋଗ୍ରାଫି

- **ଯୁଦ୍ଧ ଫଟୋ ସାମ୍ବାଦିକତା :** ଏହି ଫଟୋ ସାମ୍ବାଦିକତାର ପ୍ରାରମ୍ଭିକ ରୂପ ଅଟେ ଯେତେବେଳେ ଫଟୋ ସାମ୍ବାଦିକ ଯୁଦ୍ଧ ପରିଦର୍ଶନ କରି ତଥା ଯୁଦ୍ଧ କ୍ଷେତ୍ରରୁ ଫଟୋ ଉଠାଉଥିଲେ । ଭାରତରେ ଆମେ ସମାଚାର ପତ୍ରରେ ଦେଶ ଭିତରେ ଆତଙ୍କବାଦୀ ସମ୍ପର୍କୀତ ସଂଘର୍ଷପୂର୍ଣ୍ଣ ଆତଙ୍କି ଗତିବିଧି ତଥା ଦଙ୍ଗାର ଫଟୋ ଚିତ୍ର ଦେଖିବାକୁ ପାଇଥାଉ ଯେଉଁଠାରେ ଫଟୋଗ୍ରାଫର ଅତି ବିପଦପୂର୍ଣ୍ଣ ଅବସ୍ଥାରେ ନିଜ ଜୀବନକୁ ପାଣି ଛଡ଼ାଇ ଏହି ସବୁ ଫଟୋ ଉତ୍ତୋଳନ କରିବାରେ ସକ୍ଷମ ହୋଇଥାନ୍ତି ତଥା ଏହାକୁ ଉପଲବ୍ଧ କରାଇଥାନ୍ତି ।



ଚିତ୍ର ୨୭.୨ ଯୁଦ୍ଧ ଫଟୋଗ୍ରାଫି


- **ଗ୍ଲାମର (ଦୃଷ୍ଟିସମ୍ମୋହନ) ଫଟୋ ସାମ୍ବାଦିକତା :** ଏହି ତାରକା ତଥା ଅନ୍ୟାନ୍ୟ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ଖବର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ହୋଇଗଲାଣି କାରଣ ଅଧିକାଂଶ ଲୋକ ଏହିପରି ଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନକୁ ପର୍ଯ୍ୟାଲୋଚନାକୁ କରିବାକୁ ଚାହୁଁଛନ୍ତି । ଏହିପରି ଅନେକ ସାମ୍ବାଦିକ ଅଛନ୍ତି

ଯେଉଁମାନେ ଏହି କ୍ଷେତ୍ରରେ ବିଶେଷଜ୍ଞ ଅଟନ୍ତି । ଏମାନଙ୍କୁ ପାପାରାଜି ମଧ୍ୟ କୁହାଯାଏ ଯାହା ଏକ ଇଟାଲୀୟ ଶବ୍ଦ ଅଟେ ।


- **ତତ୍କାଳ ସମାଚାର ସାମ୍ବାଦିକତା :** ଏହା ନିତ୍ୟ ପ୍ରତିଦିନ ତୁରନ୍ତ ଘଟୁଥିବା ଘଟଣାର ସମ୍ବାଦକୁ ବୁଝାଏ ଯଥା ରାଜନୈତିକ ଘଟଣାର ଗତିବିଧି, ଅପରାଧ, ଦୁର୍ଘଟଣା ଇତ୍ୟାଦି । ବସ୍ତୁତଃ ଏହା ସବୁଠାରୁ ସର୍ବାଧିକ ସୁଲଭ ତଥା ସାମାନ୍ୟ ପ୍ରକାରର ଫଟୋ ସାମ୍ବାଦିକତା ଅଟେ ତଥା ଫଟୋ ସାମ୍ବାଦିକତା ପାଇଁ ସବୁଠାରୁ ଅଧିକ ଲୋକପ୍ରିୟ ତଥା ସାର୍ବଜନ ବିଦିତ ଫଟୋ ସାମ୍ବାଦିକତା ଅଟେ ।




ଚିତ୍ର ୨୭.୩ (କ) ତତ୍କାଳିକ ସମାଚାର ଫଟୋଗ୍ରାଫି



ଚିତ୍ର ୨୭.୩ (ଖ) ତତ୍କାଳିକ ସମାଚାର ଫଟୋଗ୍ରାଫି



ଟୀପ୍ପଣୀ




ଚିତ୍ର ୨୭.୪ ଯାତ୍ରା ଫଟୋଗ୍ରାଫି


- **ଯାତ୍ରା ଫଟୋ ସାମ୍ବାଦିକତା :** ଏହି ପ୍ରକାର ଫଟୋ ସାମ୍ବାଦିକତାରେ କୌଣସି କ୍ଷେତ୍ରର ଭୌଗୋଳିକ ସୌନ୍ଦର୍ଯ୍ୟ, ଅଧିବାସୀ, ସଂସ୍କୃତି, ପରମ୍ପରା ତଥା ଇତିହାସର ପ୍ରାମାଣିକ ଚିତ୍ର ତିଆରି କରାଯାଏ ଦସ୍ତାବିଜ ଜରିଆରେ ।

ଯାତ୍ରା ସାମ୍ବାଦିକତା ଉଭୟ ସୌଖୀନ ଏବଂ ଆର୍ଥିକ ଦୁଇ ପ୍ରକାର ଫଟୋଗ୍ରାଫରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ସୌଖୀନ ଲୋକଙ୍କ ଦ୍ୱାରା ଉଠାଯାଇଥିବା ଫଟୋଗ୍ରାଫ୍ ଇଣ୍ଟରନେଟ୍ ମାଧ୍ୟମରେ ବନ୍ଧୁ, ବାନ୍ଧବ ତଥା ସଂପର୍କୀୟଙ୍କ ପାଖକୁ ଫଟୋ ସହିତ ୱେବସାଇଟ୍ ସହାୟତାରେ ଜଣଙ୍କ ପାଖରୁ ଅନ୍ୟ ଜଣଙ୍କୁ ପ୍ରେରିତ ହୁଏ ।

- **ବନ୍ୟଜନ୍ତୁ ଫଟୋ ସାମ୍ବାଦିକତା :** ଏହି ପ୍ରକାର ସାମ୍ବାଦିକତା ଏକ ସଂଘର୍ଷମୟ ବାଜିମାତ୍ ରୂପ ମଧ୍ୟରୁ ଗୋଟିଏ ଗଣାଯାଇଥାଏ । ଉଚ୍ଚ ସମ୍ପନ୍ନ ଫଟୋଗ୍ରାଫି ଉପକରଣ ସହିତ ଜୀବଜନ୍ତୁଙ୍କ ବ୍ୟବହାର ସଂପର୍କରେ ଭଲ ଭାବରେ ଜ୍ଞାନ ଅର୍ଜନ, ସେହି କ୍ଷେତ୍ରରେ ଭୌଗୋଳିକ ଅବସ୍ଥିତି ତଥା ସେମାନଙ୍କ ଜୀବନ ସଂପର୍କରେ ପୂର୍ଣ୍ଣଜ୍ଞାନ ଅଧିଗ୍ରହଣ ଏବଂ ସାମ୍ବାଦିକତା ପାଇଁ ବହୁ ଆବଶ୍ୟକ ଅଟେ ।



ଚିତ୍ର ୨୭.୫ (କ) ବନ୍ୟଜନ୍ତୁ ଫଟୋଗ୍ରାଫି



ଚିତ୍ର ୨୭.୫ (ଖ) ବନ୍ୟଜନ୍ତୁ ଫଟୋଗ୍ରାଫି





ଏହି କ୍ଷେତ୍ରରେ ସାମ୍ବାଦିକତା ଏକ ବିଶେଷ ଫଟୋ ସାମ୍ବାଦିକତାର ରୂପ ମଧ୍ୟରୁ ଅନ୍ୟତମ ଅଟେ । ସବୁ ସମାଚାର ପତ୍ର ପାଖରେ ଅନେକ ଫଟୋ ସାମ୍ବାଦିକ ଥାଆନ୍ତି ଯେଉଁମାନେ ଏହି ସମସ୍ତ ବିଷୟକୁ ଏକତ୍ରୀତ କରିଥା'ନ୍ତି ଦୁନିଆରେ ଯାହାକୁ ସମାଚାର ହେବାପାଇଁ ସମ୍ଭାବନା ରହିଥାଏ ।

ଫଟୋ ସାମ୍ବାଦିକତା ଦୁଇପ୍ରକାର ଅଟନ୍ତି, ପ୍ରଥମ ଯିଏ ସମାଚାର ପତ୍ରରେ ବେତନ ଭୋଗି ଥାଆନ୍ତି ଦ୍ୱିତୀୟ ଯିଏ ସ୍ୱତନ୍ତ୍ର ରୂପରେ କାର୍ଯ୍ୟ କରନ୍ତି ଯେପରି ସ୍ୱତନ୍ତ୍ର ଫଟୋ ସାମ୍ବାଦିକ ରୂପରେ କାର୍ଯ୍ୟକରନ୍ତି ଏବଂ ନିଜର ଫଟୋଚିତ୍ର ସମାଚାର ପତ୍ର ତଥା ସମାଚାର ସମିତିକୁ ବିକ୍ରି କରିଥାନ୍ତି ।

ବର୍ତ୍ତମାନ ଫଟୋ ସାମ୍ବାଦିକତା କେବଳ ସମ୍ବାଦ ପତ୍ରରେ ସୀମିତ ରହିନାହିଁ । ସମାଚାରର ଏକ ସ୍ରୋତ ଭାବରେ ଇଣ୍ଟରନେଟ୍ ସହାୟତାରେ ଉପସ୍ଥିତ ରହି ଫଟୋ ସାମ୍ବାଦିକ କ୍ଷେତ୍ର ୱେବ ସାମ୍ବାଦିକତା ପର୍ଯ୍ୟନ୍ତ ବିସ୍ତାରିତ ହୋଇଯାଇଛି । ଆପଣଙ୍କ ମଧ୍ୟରୁ ଯେଉଁମାନେ ଇଣ୍ଟରନେଟ୍‌ର ବ୍ୟବହାର କରିଛନ୍ତି ସେମାନେ କିଛି ୱେବସାଇଟ୍ ଦେଖିଥିବେ ଯେଉଁଥିରେ ସମ୍ବାଦପତ୍ର ଭଳି ସ୍ଥାନ ରହିଅଛି । ଏହି ସାଇଟ୍ ମଧ ସାମ୍ବାଦିକ ତଥା ଫଟୋ ସାମ୍ବାଦିକଙ୍କୁ ନିଜର ଏକ ସଂଗଠନ ଜରିଆରେ ଏକତ୍ରୀତ କରାଇ ସମ୍ବାଦ ପ୍ରସ୍ତୁତ ପାଇଁ ନିଯୁକ୍ତି ଦେଇଥାଏ ।

ଏବେ ଯାହାକି ଲୋକମାନେ କ୍ୟାମେରା ଯୁକ୍ତ ମୋବାଇଲ୍ ଫୋନ୍‌ର ବ୍ୟବହାର କରୁଛନ୍ତି ତଥା ସେମାନଙ୍କ ପାଖରେ ଉପଲବ୍ଧ ଅଛି ଏହା ଜାଣିବା ଆପଣଙ୍କ ପାଇଁ ଖୁସିର ଖବର ଯେ ଅନେକ ସମାଚାର ପତ୍ର ତଥା ୱେବସାଇଟ୍ ଆମ ଭଳି ଲୋକଙ୍କ ଦ୍ୱାରା ପଠାଯାଉଥିବା ଫଟୋଗ୍ରାଫ୍‌ର ଉପଯୋଗ କରୁଛନ୍ତି । ଏହା ଏଥିପାଇଁ ସମ୍ଭବ ହୁଏ ଯେ ଆମ ଭଳି ସାଧାରଣ ଲୋକ ଅନେକ ସମୟରେ ଏଭଳି ଜାଗାରେ ଉପସ୍ଥିତ ଥାଆନ୍ତି ଯାହାକି ସମାଚାର ପତ୍ରର ଦୃଷ୍ଟିରେ ମହତ୍ତ୍ୱପୂର୍ଣ୍ଣ ଘଟଣାର ଚାପ ନେଇଥାଏ ।

## ପାଠ୍ୟଗତ ପ୍ରଶ୍ନ ୨୭.୧

୧. ନିମ୍ନଲିଖିତ ମଧ୍ୟରୁ ସତ୍ୟ ତଥା ଅସତ୍ୟ କଥାକୁ ଚିହ୍ନିତ କରାନ୍ତୁ ।

i) ଘଟଣା ଯେଉଁଥିରେ ଦିନ ପ୍ରତିଦିନର ସମାଚାର ହୋଇଥାଏ ତାକୁ କଭର୍ କରିବା ଗ୍ଲାମର ସାମ୍ବାଦିକତା କୁହାଯାଏ ।

ii) ଯୁଦ୍ଧ ଫଟୋଗ୍ରାଫର୍ ଫଟୋ ସାମ୍ବାଦିକତା ଅଟେ ନାହିଁ ।

iii) ଫଟୋ ସାମ୍ବାଦିକତା କେବଳ ସମାଚାର ପତ୍ର ପର୍ଯ୍ୟନ୍ତ ସୀମିତ ଅଟେ ।

iv) ୱେବ ଆଧାରିତ ସାମ୍ବାଦିକତା ଫଟୋ ସାମ୍ବାଦିକତାକୁ ନିଜର ଏକ ଅଂଗ ଭାବରେ ଉପଯୋଗ କରିଥାଏ ।

v) ତତ୍‌କାଳ ସମାଚାର ସାମ୍ବାଦିକତା ଫଟୋ ସାମ୍ବାଦିକତାର ଏକ ମୁଖ୍ୟ ଅଂଶ ଅଟେ ।

## ୨୭.୨ ସଂକଳନ :

କୌଣସି ଫଟୋଚିତ୍ର ନିଜେ କହିବା ଦରକାର । ଏହାର ତାତ୍ପର୍ଯ୍ୟ ଯେଉଁ ବ୍ୟକ୍ତି ଫଟୋଗ୍ରାଫ୍ ଦେଖିବେ ତାଙ୍କୁ ତୁରନ୍ତ ଲାଗିବା ଦରକାର ଯେ ଏହି ଫଟୋଗ୍ରାଫ୍ କଣ କହୁଛି । ଏହା ମଧ କଥିତ ଅଛି "ଗୋଟିଏ ଚିତ୍ର ହଜାର ହଜାର କ୍ଷମତା ରଖିଥାଏ ।" ଏହାର ଅର୍ଥ ଗୋଟିଏ ଚିତ୍ର ସାବଲୀଳ ଭାବରେ ହଜାର ଶବ୍ଦକୁ ବାର୍ତ୍ତା ଜରିଆରେ ପ୍ରେରଣା କରିବାରେ ସକ୍ଷମ ହୋଇପାରେ । ଆପଣ ଅନେକ ଫଟୋଗ୍ରାଫି ଦେଖିଥିବେ

ଯାହାକି ଆପଣଙ୍କ ହୃଦୟରେ ଗଭୀର ଭାବରେ ରେଖାପାତ କରିଥିବ । ଏପରି କାହିଁକି ହୁଏ ଆପଣ ଚିନ୍ତା କରିଛନ୍ତି । ଏହା ଏଥିପାଇଁ କି ଯାହାର ଫଟୋ ଉଠାଯାଇଥାଏ ତାକୁ ଏପରି ବୁଦ୍ଧିମତା ଗୁଣରେ ପ୍ରତିଫଳିତ କରାଯାଇଥାଏ ଯାହାକି ଦେଖଣାହାରୀଙ୍କ ଉପରେ ନିଜର ପ୍ରଭାବ ବିସ୍ତାର କରିଥାଏ । ବିଷୟ ବସ୍ତୁର ଏହି ସମାଚାର ତଥା ଛବିରେ, ଛବିର ଅର୍ଥରେ ତଥା ବିଷୟ ବସ୍ତୁର ସମାହାରକୁ ସଂକଳନ କୁହାଯାଏ । ସଂକଳନ ବିଶିଷ୍ଟ ଅର୍ଥରେ ପ୍ରଯୁକ୍ତ ହୋଇଥାଏ ଯେତେବେଳେ ଫଟୋ ସାମ୍ବାଦିକତାରେ ଲୋକଙ୍କୁ ସମାଚାର ସୁଲଭ କରିବାକୁ ହୋଇଥାଏ । ଏହା ଫଟୋ ଉତ୍ତୋଳନ ବିଷୟରେ ସମାବେଶ ଅଟେ ଯାହା ଦେଖଣାହାରୀଙ୍କ ଉପରେ ନିଜର ପ୍ରଭାବ ଛାଡ଼ିଥାଏ । ଏବେ ଆମେ ଗୋଟିଏ ପରିସ୍ଥିତି ଉପରେ ବିଚାର କରିବା ଯେଉଁଥିରେ ଆପଣଙ୍କୁ ଗୋଟିଏ ଗରିବ ଲୋକର ଫଟୋଗ୍ରାଫ୍ ପ୍ରଦର୍ଶିତ କରିବାକୁ ପଡ଼ିବ । ଆପଣ ସଡ଼କ ଉପରେ ଭିକ୍ଷାବୃତ୍ତି କରୁଥିବା କୌଣସି ଭିକାରୀର ସାମାନ୍ୟ ଫଟୋ ଉତ୍ତୋଳନ କରି ନିଜର ବାର୍ତ୍ତା ପ୍ରେରଣା କରିପାରିବେ । ଯଦି ଏହି ଫଟୋଗ୍ରାଫ୍ ଏପରି ନିଆଯିବ କି ଭିକାରୀ କ୍ୟାମେରାର ସମ୍ମୁଖରେ ତଥା ପଛରେ ଏକ ସମ୍ଭ୍ରାନ୍ତ ବ୍ୟକ୍ତି କାର୍‌ରେ ବସିଛନ୍ତି । ଏଥିରେ ଏହି ଚିତ୍ର ଅଧିକ ପ୍ରଭାବପୂର୍ଣ୍ଣ ହେବ କାରଣ ଏହାର ସଂକଳନ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଗୋଟିଏ ବିରୋଧାଭାଷ ପ୍ରଦର୍ଶନ କରୁଅଛି ତଥା ଗରିବ ଲୋକର ପରିସ୍ଥିତି ଧନୀ ଲୋକର ସମ୍ମୁଖରେ ସ୍ପଷ୍ଟବାରି ହୋଇପଡୁଛି ।

ସଂକଳନ ଦ୍ୱାରା ଫଟୋଗ୍ରାଫ୍‌କୁ ଆଖି ପାଇଁ ଅଧିକ ଆଖିଦୃଶିଆ ଭଳି କରାଯାଇଥାଏ । ଯୁଦ୍ଧ କିମ୍ବା କ୍ରୀଡ଼ାର ଅଧିକ ଆକ୍ସନ ଫଟୋଗ୍ରାଫ୍ ଏକ ବିଶେଷ ଉର୍ଜା ସୃଷ୍ଟିକରିଥାଏ ଯଥା ଦେଖଣାହାରୀ ଏହାକୁ ନିଜର ଆଖି ପାଖରେ ଥିବାର ଅନୁଭୂତି ପ୍ରାପ୍ତି କରିଥାଏ ।

ସଂକଳନ ସନ୍ତୁଳନକୁ ମଧ୍ୟ ଜାହିର କରିଥାଏ ଅର୍ଥାତ୍ ଫଟୋଗ୍ରାଫ୍ ଏପରି ନେବା ଦରକାର ଯାହାକି ଦେଖିବା ପରେ ଆମରି ଆଖି କୌଣସି ଗୋଟିଏ ଅଂଶରେ କିମ୍ବା କୌଣସି କୋଣରେ କେନ୍ଦ୍ରୀଭୂତ ଯେପରି ନ ହୁଏ । ବିଭିନ୍ନ ବିଷୟ ଭାବରେ ସଂଗଠିତ ହେବା ଦରକାର ଯେଉଁଥିରେ କି ଛବିର ସୁଖଦ ପ୍ରଭାବ ପଡ଼ିବା ଦରକାର । ଫ୍ରେମିଙ୍ଗର କିଛି ସାମାନ୍ୟ ନିୟମ ଅଛି ଯେଉଁଥିରେ ତୃତୀୟ ନିୟମ ସର୍ବାଧିକ ସାମାନ୍ୟ ଅଟେ । ଏ ନିୟମ ସ୍ପଷ୍ଟ କରିଥାଏ କି ଫ୍ରେମ୍‌ରେ ରହିଥିବା ତତ୍ତ୍ୱ ଏପରି ଭାବରେ ଅବସ୍ଥିତ ହେବା ଦରକାର ଯାହାକି ଉଣା ଅଧିକେ ଏହି ବିଭାଜନ ଦଣ୍ଡ ଉପରେ ପଡ଼ିବା ଦରକାର ଯାହା ଫ୍ରେମକୁ ତିନି କଲମ ତଥା ରୋ ମଧ୍ୟରେ ବିଭାଜନ କରିପାରିବ । ଅବଶ୍ୟ ଏହା କୌଣସି ଅନିବାର୍ଯ୍ୟ ନିୟମ ନୁହେଁ କିନ୍ତୁ ଏହା ଦେଖଣାହାରୀ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସଫଳ ହୋଇଥାଏ ।

କ୍ୟାମେରା ଆଙ୍ଗଲ ଅନ୍ୟ ଏକ ତତ୍ତ୍ୱ ଅଟେ ଯାହା ସଂକଳନକୁ ପ୍ରଭାବିତ କରିଥାଏ । ଯଦି ଫଟୋରେ କୌଣସି ପ୍ରସିଦ୍ଧ ବ୍ୟକ୍ତି ଯେପରି କୌଣସି ନେତା କିମ୍ବା ଚଳଚ୍ଚିତ୍ର ଅଭିନେତା ଅଟନ୍ତି ତେବେ ଫଟୋ ଉତ୍ତୋଳନ ସମୟରେ କ୍ୟାମେରା ସେମାନଙ୍କ ଦୃଷ୍ଟି ରେଖାରୁ ତଳକୁ ରଖାଯିବ । ଏପରି କରିବା ଦ୍ୱାରା ସଂପୃକ୍ତ ବ୍ୟକ୍ତି ଅଧିକ ମୁଖ୍ୟ ନଜରକୁ ଆସିବ । ଏପରି ଭାବରେ ବ୍ୟକ୍ତିର ଉଚ୍ଚତାରୁ ଉପରେ ସର୍ଟ ନିଆଯିବ ତେବେ ତାକୁ ଟପ୍ ଆଙ୍ଗଲ୍ କୁହାଯିବ ଯେଉଁଥିରେ ବ୍ୟକ୍ତି ଛୋଟ ଭାବରେ ଦୃଶ୍ୟମାନ ହେବ । ସଂକଳନର ଏସବୁ ପ୍ରକାର ଧାରା ଛବିକୁ ଅଧିକ ପ୍ରଭାବଶାଳୀ କରିବାରେ ସାହାଯ୍ୟ କରେ ଏଥିପାଇଁ କି ଏହା କଣ କହିବାକୁ ଚାହେଁ ଯେଉଁଥିରେ କି ଦର୍ଶକମାନେ ସହଜରେ ଅର୍ଥକୁ ବୁଝିପାରିବେ ।

## ପାଠ୍ୟଗତ ପ୍ରଶ୍ନ ୨୭.୨

୧. ଫ୍ରେମିଙ୍ଗର ବୁନିୟାଦୀ ନିୟମର ନାମ କୁହନ୍ତୁ ।

୨. ସଂକଳନ କଣ ଅଟେ ?

୩. ସେହି କାରକକୁ ଚିହ୍ନନ୍ତୁ ଯାହା ସଂକଳନକୁ ପ୍ରଭାବିତ କରିଥାଏ ।



ଟୀପ୍ପଣୀ

## ୨୭.୩ ଫଟୋଫିଚର୍ ତଥା ଫଟୋ ସଂପାଦନ :

ଫଟୋଫିଚର୍‌କୁ ଫଟୋ ନିବନ୍ଧ ମଧ୍ୟ କୁହାଯାଏ । ଯେପରି ନାମରୁ ସ୍ପଷ୍ଟ ଅଟେ ଫଟୋଗ୍ରାଫ୍‌ର ମାଧ୍ୟମରେ କୌଣସି ବିଷୟ ଉପରେ କାହାଣୀ ବା ନିବନ୍ଧ ପ୍ରସ୍ତୁତ କରିବା । ଏହା କୌଣସି ବିଷୟ, ସ୍ଥାନ, ତଥା ବ୍ୟକ୍ତି ଯାହାର ଫଟୋ ଉତ୍ତୋଳନ ହୋଇଥାଏ ତାରି ଉପରେ ଆଧାରିତ ହୋଇପାରେ ।

ଆପଣମାନେ ପତ୍ରପତ୍ରିକାରେ ଏଭଳି ରୁଚିପୂର୍ଣ୍ଣ ବିଷୟ ଉପରେ ଫଟୋଫିଚର୍ ଦେଖିଥିବେ । ଜଣେ ଫଟୋ ସାମ୍ବାଦିକ ଫଟୋଫିଚର୍ କିପରି ପ୍ରସ୍ତୁତ କରିଥାଏ ।

ଫଟୋଫିଚର୍ ସାଧାରଣତଃ ପତ୍ରପତ୍ରିକାର ସଂପାଦକଙ୍କ ଡ଼େସ୍କ ଉପରେ ଆକାର ନେଇଥାଏ ଏବଂ ଫଟୋ ସଂପାଦକ ଏ ବିଷୟରେ ନିଜର ନିର୍ଦ୍ଦେଶନା ଦେଇଥାନ୍ତି । ଏବେ ପ୍ରଶ୍ନ ଉଠୁଛି ଫଟୋ ସଂପାଦକ କିଏ ? ଫଟୋ ସଂପାଦକ କୌଣସି ସମାଚାର ପତ୍ର ବା ପତ୍ରପତ୍ରିକାର ଫଟୋ ବିଭାଗର ମୁଖ୍ୟଙ୍କୁ ବୁଝାଇଥାଏ । ଏ ଫଟୋଗ୍ରାଫର୍‌ଙ୍କୁ ଚିହ୍ନଟ କରିଥାନ୍ତି ତଥା ସେମାନଙ୍କ ସହିତ ବିଷୟ ଉପରେ ଚର୍ଚ୍ଚା କରିଥାନ୍ତି । ଏମାନେ ସେହି ରିପୋର୍ଟରଙ୍କୁ ମଧ୍ୟ ଚୟନ କରିଥାନ୍ତି ଯେଉଁମାନେ ଫଟୋ ନିବନ୍ଧ ପାଇଁ ସମାଚାର ତଥା ବିବରଣୀ ତିଆରି କରିଥାନ୍ତି । ଏହା ମଧ୍ୟ ଫଟୋ ସଂପାଦକଙ୍କ କାର୍ଯ୍ୟ ଅଟେ ପରିସ୍ଥିତିକୁ ନେଇ ସଠିକ୍ ଛବି ସଠିକ୍ ସ୍ଥାନରେ ଚୟନ କରିବା ଏବଂ ସବୁଠାରୁ ଭଲ ଛବିକୁ ବାଛିବା ।

ଆପଣ ପୂର୍ବରୁ ଜାଣି ସାରିଛନ୍ତି ଗୋଟିଏ ଛବି ହଜାର ଶବ୍ଦର କ୍ଷମତା ରଖିଥାଏ । ସେହି ପ୍ରକାର କିଛି ଚିତ୍ରରୁ ପ୍ରସ୍ତୁତ ଗୋଟିଏ ଭଲ ଫଟୋ ନିବନ୍ଧ ସର୍ବଶ୍ରେଷ୍ଠ ଲିଖିତ ନିବନ୍ଧ ମଧ୍ୟରୁ ସର୍ବାଧିକ ପ୍ରଭାବ ଦେଇଥାଏ ।

ଏବେ ଆମେ ଗୋଟିଏ ଫଟୋ ଫିଚର୍‌ର ଉଦାହରଣ ନେବା ଯାହା ଏକ ପରିବାର ଉପରେ ଆଧାରିତ ତଥା ପାଞ୍ଚଟି ଫଟୋଗ୍ରାଫର୍ ଚୟନ ହେବ ଯାହା ଗୋଟିଏ ଅନ୍ୟଟି ଠାରୁ ସମୃଦ୍ଧଶାଳୀ କରିଥାଏ । ଯଦି ପରିବାରରେ ମାତା ପିତା ସେମାନଙ୍କର ପୁଅଝିଅ ତଥା ଜେଜେ ମା ଜେଜେ ବାପା ଥାଆନ୍ତି ତେବେ ନିମ୍ନାଙ୍କିତ ଫଟୋଗ୍ରାଫ୍ ସମ୍ଭବ ହେବ ।

- ଏକାଠି ଭୋଜନ କରୁଥିବା ପରିବାରର ସମସ୍ତ ସଦସ୍ୟ
- କାର୍ଯ୍ୟକ୍ଷେତ୍ରକୁ ଯାଉଥିବା ବାପା
- ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ କରୁଥିବା ମା
- ସ୍କୁଲ୍‌ରୁ ଘରକୁ ଆସୁଥିବା ଝିଅ ପୁଅ
- ଦୂରଦର୍ଶନ ଦେଖୁଥିବା ଜେଜେ ବାପା-ମା

ଏହା ଏପରି କିଛି ଫଟୋଗ୍ରାଫ ଯାହାକୁ ନେଇ ସେହି ପରିବାର ଉପରେ ଏକ ସଂକ୍ଷିପ୍ତ ନିବନ୍ଧ ତିଆରି କରାଯାଇପାରିବ । ନିଃସନ୍ଦେହରେ ଏଥିରେ ଆଉ କିଛି ରୁଚିପୂର୍ଣ୍ଣ ଚିତ୍ର ମଧ୍ୟ ନିଆଯାଇପାରିବ । ଆପଣ ନିଜେ ମଧ୍ୟ ଆପଣଙ୍କର ଫଟୋ ସଂପାଦକ ହୋଇପାରିବେ କିମ୍ବା କୌଣସି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଠାରୁ ପରାମର୍ଶ ନେଇ ପାରିବାରିକ ଫଟୋ ନିବନ୍ଧ ପ୍ରସ୍ତୁତ କରିପାରିବେ ।

## ପାଠ୍ୟଗତ ପ୍ରଶ୍ନ ୨୭.୩

୧. ଫଟୋଫିଚର କହିଲେ କଣ ବୁଝାଏ ?

୨. ଫଟୋ ସଂପାଦକ କାହାକୁ ବୁଝାଏ ?

୩. ଫଟୋ ନିବନ୍ଧର ଅନ୍ୟ ନାମ କ'ଣ ଅଟେ ?

ଟୀପ୍ପଣୀ

## ୨୭.୪ଆପଣ କ'ଣ ଶିଖିଲେ

⇨ କ୍ରୀଡ଼ା ଫଟୋ ସାମ୍ବାଦିକତାର ଅର୍ଥ

⇨ ଫଟୋ ସାମ୍ବାଦିକତାର ପ୍ରକାର ଭେଦ
- ◆ କ୍ରୀଡ଼ା ଫଟୋ ସାମ୍ବାଦିକତା
- ◆ ଯୁଦ୍ଧ ଫଟୋ ସାମ୍ବାଦିକତା
- ◆ ଗ୍ଲାମର୍ ଫଟୋ ସାମ୍ବାଦିକତା
- ◆ ତତ୍କାଳିକ ସମାଚାର ଫଟୋ ସାମ୍ବାଦିକତା
- ◆ ଯାତ୍ରା ଫଟୋ ସାମ୍ବାଦିକତା
- ◆ ବନ୍ୟଜନ୍ତୁ ଫଟୋ ସାମ୍ବାଦିକତା

⇨ ଫଟୋଗ୍ରାଫ୍ ସଂକଳନ
- ◆ ବିଷୟର ସମାବେଶ
- ◆ ସନ୍ତୁଳନ
- ◆ କ୍ୟାମେରା ଆଙ୍ଗଲ

⇨ ଫଟୋଫିଚର୍ ତଥା ଫଟୋ ସଂପାଦନା
- ◆ ବିଷୟର ସମାବେଶ
- ◆ ସନ୍ତୁଳନ
- ◆ କ୍ୟାମେରା ଆଙ୍ଗଲ

## ୨୭.୫ ପାଠ୍ୟାନ୍ତ ପ୍ରଶ୍ନ

୧. ଫଟୋ ସାମ୍ବାଦିକତା କହିଲେ କ'ଣ ବୁଝାଏ ? ସମାଚାର ପତ୍ରର ଉଦାହରଣ ଦେଇ ବ୍ୟାଖ୍ୟା କରନ୍ତୁ ।

୨. ଫଟୋ ସାମ୍ବାଦିକତାରେ ସଂକଳନର ଉପଯୋଗ କଣ ?

୩. ଫଟୋ ଫିଚରରେ ଫଟୋ ସଂପାଦକଙ୍କର ଭୂମିକା ସଂପର୍କରେ ବର୍ଣ୍ଣନା କରନ୍ତୁ ।

## ୨୭.୬ ପାଠ୍ୟଗତ ପ୍ରଶ୍ନର ଉତ୍ତର

**୨୭.୧ 1.** i) ଭୂଲ୍
ii) ଭୂଲ୍
iii) ଭୂଲ୍
iv) ସଠିକ୍
v) ସଠିକ୍

**୨୭.୨** 1. ତୃତୀୟ ନିୟମ
2. ବିଷୟର ସମାବେଶ ତଥା ଛବି ଫ୍ରେମର ତତ୍ତ୍ୱରେ ବିଷୟର ସମାବେଶକୁ ସଂକଳନ କୁହାଯାଏ ।
3. କ୍ୟାମେରା ଆଙ୍ଗଲ

**୨୭.୩** 1. ଫଟୋ ଫିଚର ଫଟୋଗ୍ରାଫିର ସହାୟତାରେ କୌଣସି ବିଷୟ ଉପରେ ପ୍ରସ୍ତୁତ କାହାଣୀ ବିବରଣୀର ନିବନ୍ଧ ଅଟେ ।
2. ଫଟୋ ସଂପାଦକ ସେହି ବ୍ୟକ୍ତି ଅଟନ୍ତି ଯିଏ କୌଣସି ସମାଚାର ପତ୍ର ତଥା ପତ୍ରିକାରେ ଫଟୋ ବିଭାଗର ଅଧିକାରୀ ଅଟନ୍ତି ।
3. ଫଟୋ ଫିଚର୍



ଟୀପ୍ପଣୀ

# ୨୮

# ଫଟୋ ସାମ୍ବାଦିକଙ୍କ ଭୂମିକା

ବର୍ତ୍ତମାନ ଆପଣ ବୁଝିପାରୁଥିବେ ଫଟୋ ସାମ୍ବାଦିକତାର ଫଟୋ ସାମ୍ବାଦିକର ମେରୁଦଣ୍ଡ ଅଟେ । ଗୋଟିଏ ଭଲ ଫଟୋ ସାମ୍ବାଦିକ କୁଶଳୀ ଫଟୋଗ୍ରାଫର୍ ମଧ ହୋଇପାରନ୍ତି ଯିଏକି କ୍ୟାମେରା ତଥା ଅନ୍ୟ ଉପକରଣକୁ ତାକୁ ନିଜର ସର୍ବଶ୍ରେଷ୍ଠ ଲାଭ ପାଇଁ ବ୍ୟବହାର କରିଥାଏ । ତା ସଂଗେ ସଂଗେ ତାକୁ ସୃଜନଶୀଳତା ତଥା ରଚନାତ୍ମକ ହେବା ଦରକାର ଯାହାକି ଜ୍ଞାନ କୌଶଳ ତଥା ନିର୍ଣ୍ଣୟାତ୍ମକ ପରିବେଶରେ ଘଟଣା ଘଟିବା ସଂଗେ ସଂଗେ ଚିତ୍ର ଉତ୍ତୋଳନ କରିବା ନିହାତି ଜରୁରୀ ଅଟେ କାରଣ ସମାଚାରର ଘଟଣା ଫଟୋଗ୍ରାଫ୍‌ରକୁ  ଅପେକ୍ଷା କରେନାହିଁ ।

କିଛି ଫଟୋ ସାମ୍ବାଦିକ ନିଜର ଫଟୋଗ୍ରାଫରକୁ ଅଧିକ ରୁଚିଶୀଳ କରିବା ପାଇଁ ଫଟୋରେ କିଛି କାଟଛାଟ କରିଥାନ୍ତି (ଉଦାହରଣ ପାଇଁ ଲୋକଙ୍କର ଇଚ୍ଛାଥିବା ଫଟୋର ତିଆରି) । ଏହା ଭୂଲ ଅଟେ କାରଣ ଫଟୋ ସାମ୍ବାଦିକଙ୍କର ମୁଖ୍ୟ ଉତ୍ତରଦାୟିତ୍ୱ ଅଟେ ଦର୍ଶକକୁ ସେଇ ଚିତ୍ର ଦେବା ଯାହାକି ସତ୍ୟ ଅଟେ ତଥା ଏହା ନିଜେ ନିଜକୁ ସ୍ପଷ୍ଟ କରିପାରୁଥିବ । ଚିତ୍ରକୁ କାଣ୍ଟଛାଟର ଅର୍ଥ ସମ୍ବାଦକୁ ନିଜେ ପ୍ରସାରଣ ସଦୃଶ୍ୟ । ଏହା ଗଭୀର ଭାବରେ କହିଲେ ସମାଚାର ନୁହେଁ କେବଳ ଗପ କହିବା ଭଳି ଅଟେ ।

## ଉଦ୍ଦେଶ୍ୟ

ଏହି ପାଠ୍ୟକ୍ରମର ଅଧ୍ୟୟନ ପରେ ଆପଣ ନିମ୍ନଲିଖିତ ବିଷୟରେ କାର୍ଯ୍ୟକ୍ଷମ ହୋଇପାରିବେ :-

- ଫଟୋ ସାମ୍ବାଦିକଙ୍କ ପ୍ରସ୍ତୁତି ସଂପର୍କରେ ବର୍ଣ୍ଣନା
- ଫଟୋ ସାମ୍ବାଦିକତାରେ ବ୍ୟବସାୟ ଗତ ଆଚାର ସଂହିତାର ବ୍ୟାଖ୍ୟା
- ଭାରତରେ ଫଟୋ ସାମ୍ବାଦିକଙ୍କ ଇତିହାସ
- କେତେ ଜଣ ପ୍ରସିଦ୍ଧ ସାମ୍ବାଦିକଙ୍କ ବିଷୟରେ ସୂଚନା ପ୍ରଦାନ

## ୨୮.୧ ଫଟୋ ସାମ୍ବାଦିକଙ୍କ ପ୍ରସ୍ତୁତି ପର୍ବ :

ଘଟଣା ଚକ୍ର କାହାକୁ ଅପେକ୍ଷା କରେନାହିଁ ବିଶେଷକରି ଫଟୋ ସାମ୍ବାଦିକଙ୍କୁ । ଗୋଟିଏ ଫଟୋ ସାମ୍ବାଦିକଙ୍କୁ ସବୁବେଳେ ସ୍ଫୁର୍ତ୍ତି ତଥା ଗତିଶୀଳ ହେବାପାଇଁ ଚେଷ୍ଟା କରିବା ତଥା ସଜାଗ ରହିବା ଦରକାର ତଥା କ୍ୟାମେରା ସବୁବେଳେ ସେମାନଙ୍କ ହାତରେ ଥିବା ଦରକାର । । ରୁଚିପୂର୍ଣ୍ଣ ଫଟୋଚିତ୍ର ପ୍ରାୟତଃ ସେମାନଙ୍କର ସତର୍କତାର ପ୍ରତିଫଳ ହୋଇଥାଏ ଯାହାକି ଠିକ୍ ସମୟରେ ଠିକ୍ ସ୍ଥାନରେ ଉପସ୍ଥିତ ରହିଥାଏ । ଯଦି ଫଟୋ ସାମ୍ବାଦିକ ନିଜର କାର୍ଯ୍ୟକ୍ଷେତ୍ର ପ୍ରତି ଅବହେଳା ପ୍ରଦର୍ଶନ କରେ ତାକୁ ଅନେକ ଗୁଡ଼ିଏ ସୁଯୋଗର ହାତଛଡ଼ା କରିବାକୁ ପଡ଼େ । ଏହା କେବଳ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଗଲେ

ଟୀପ୍‌ପଣୀ

ହେବନାହିଁ ତା ସଂଗେ ସଂଗେ ସବୁଠାରୁ ଠିକ୍ ଜାଗାରେ କ୍ୟାମେରା ପ୍ରସ୍ତୁତ କରି ଉପସ୍ଥିତ ହେବା କଥା ଅଟେ । କିଛି ଘଟଣା ବା ଆୟୋଜନର ସୂଚନା ଫଟୋ ସାମ୍ବାଦିକଙ୍କ ପାଖରେ ବହୁ ପୂର୍ବରୁ ଆଗୁଆ ରୂପରେ ରହିଥାଏ । ସୁତରାଂ ସେ ଏହି କାର୍ଯ୍ୟକ୍ରମର ଆରମ୍ଭ ହେବା ପୂର୍ବରୁ ସେଠାରେ ରହିବା ଦରକାର ହୋଇପାରେ । ଉଦାହରଣ ସ୍ୱରୂପ ସାର୍ବଜନୀନ ସମାରୋହ ତଥା ଆୟୋଜନ ଯେପରିକି ଏକ କ୍ରୀଡ଼ା ଆୟୋଜନ ବା ରାଜନୈତିକ ବୈଠକ ବହୁ ସମୟ ପୂର୍ବରୁ ଘୋଷଣା ହୋଇଯାଇଥାଏ । ସମାଚାର ପତ୍ରର ସ୍ଥାନ ତଥା ସମୟ ସଂପର୍କରେ ସୂଚୀତ କରି ଦିଆଯାଇଥାଏ । ଯଦି ଫଟୋ ସାମ୍ବାଦିକଙ୍କୁ ଏପରି ଲାଗେ ଯେ ଆୟୋଜନ ମହତ୍ତ୍ୱପୂର୍ଣ୍ଣ ଅଟେ, ସେତେବେଳେ ସେ ଫଟୋ ସାମ୍ବାଦିକଙ୍କୁ ସେହି ଆୟୋଜନକୁ ପୂର୍ଣ୍ଣ କରିବାର ଦାୟିତ୍ୱ ଅର୍ପଣ କରିଥାନ୍ତି । ଫଟୋ ସାମ୍ବାଦିକ ସେହି ସ୍ଥାନରେ ଆୟୋଜକ, ଦର୍ଶକ ତଥା ଆୟୋଜନ ସ୍ଥଳ ଇତ୍ୟାଦିର ଫଟୋଗ୍ରାଫି ନିଅନ୍ତି ।

କିନ୍ତୁ ଏଭଳି ବହୁତ ଘଟଣା ଏପରି ଘଟିଥାଏ ଯେ, ଫଟୋ ସାମ୍ବାଦିକ ପୂର୍ବରୁ କୌଣସି ପ୍ରସ୍ତୁତ ହୋଇ ନଥା'ନ୍ତି ଯେପରି ଆତଙ୍କବାଦୀ ଆକ୍ରମଣ, ଦଙ୍ଗା, ରେଳ ଦୁର୍ଘଟଣା, ଭୂମିକମ୍ପ, ପୋଲ ଭୁଷୁଡ଼ିବା ଇତ୍ୟାଦି । ଯଦି କୌଣସି ଫଟୋ ସାମ୍ବାଦିକ ଏପରି ଘଟଣାର ସମୟରେ ସେଠାରେ ଉପସ୍ଥିତ ଥାନ୍ତି ତାଙ୍କୁ ତୁରନ୍ତ ପ୍ରସ୍ତୁତ ହେବା ଏବଂ ସଂଗେ ସଂଗେ ତା ସହିତ ନିଜର ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ନିହାତି ଆବଶ୍ୟକ । କିଛି ଫଟୋ ସାମ୍ବାଦିକଙ୍କ ପାଇଁ ଆତଙ୍କବାଦୀ ଆକ୍ରମଣ ଗଭୀର ଦୁର୍ଘଟଣା ତଥା ବଡ଼ଧରଣର ପ୍ରାକୃତିକ ବିପର୍ଯ୍ୟୟକୁ ସେହି ସମୟରେ କ୍ୟାମେରାରେ ବାନ୍ଧିକରି ରଖିବା ଯେପରି ଘଟିଥାଏ, ଏକ ଦୁର୍ଲଭ ହୋଇଯାଏ । ସାଧରଣତଃ ଏହା ପରବର୍ତ୍ତୀ ସମୟ ଅଟେ ଯାହାକି କ୍ୟାମେରାରେ ରହିଥାଏ । ଏଣୁ ଫଟୋ ସାମ୍ବାଦିକ ନିଜର ଚେଷ୍ଟା କରିଥାଏ କି ଏପରି ଫଟୋ ଉତ୍ତୋଳନ କରାଯିବ, ଯାହାକି ପ୍ରକୃତ ଘଟଣାକୁ ସ୍ପଷ୍ଟ କରିପାରୁଥିବ । ଏପରି ଘଟଣାର ବ୍ୟାପକତା ତଥା ଗୁରୁତ୍ୱ ସେଠିକାର ଲୋକଙ୍କ ଉପରେ ପ୍ରଭାବ ଏବଂ ଘଟଣା ସ୍ଥଳହିଁ ହୋଇଥାଏ । ସର୍ବଶ୍ରେଷ୍ଠ ଫଟୋ ଚିତ୍ର ଫଟୋଗ୍ରାଫରଙ୍କର ନିର୍ଣ୍ଣୟ କ୍ଷମତା ତଥା ସମ୍ବେଦନଶୀଳତାର ପରିଣାମ ଅଟେ ।

ସମାଚାର ପତ୍ରରେ ବହୁତ କମ୍ ଛବି କଟାକଟି ହୋଇ ପ୍ରତିଦିନ ପ୍ରକାଶିତ ହୋଇଥାଏ । ଏପରି କାହିଁକି ହୁଏ ? ଯେପରିକି ଫଟୋ ସଂଗ୍ରାହକଙ୍କ ଦ୍ୱାରା ସଂକଳିତ ହୋଇଥିବା ସବୁ ସମାଚାର ପ୍ରକାଶିତ ହୁଏନାହିଁ । ସେହିପରି ଫଟୋ ସାମ୍ବାଦିକଙ୍କ ଦ୍ୱାରା ନିଆଯାଉଥିବା ସବୁ ଚିତ୍ର ଛପା ଯାଇପାରି ନଥାଏ । ଫଟୋ ସମ୍ପାଦକ ଫଟୋ ସାମ୍ବାଦିକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସମସ୍ତ ଫଟୋକୁ ଦେଖିଥାଏ ତଥା କେଉଁ ଫଟୋ ଛପା ଯିବ କିମ୍ବା କିଏ ନଯିବ, ତାହା ନିର୍ଣ୍ଣୟ କରିଥାଏ ।

ଏବେ ଆମେ ଦେଖିବା ଫଟୋ ସମ୍ପାଦକ କିପରି ଏହା କରିଥାନ୍ତି ? ଏହି ବଛା ହେବା ସେହି ଦିନର ମହତ୍ତ୍ୱପୂର୍ଣ୍ଣ ସମାଚାର ସହିତ ଲାଗିକରି ରହିଥାଏ । ସେହି ଫଟୋଗ୍ରାଫ୍ ଯାହାକି ମୁଖ୍ୟ ସମାଚାରକୁ ସ୍ପଷ୍ଟ କରିଥାଏ । ତାହାର ଚୟନ ସୁନିଶ୍ଚିତ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ଦିନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସମାଚାର ଇନ୍ଧନର ଦାମ୍‌ର ବୃଦ୍ଧି ହୁଏ, ତେବେ ପେଟ୍ରୋଲପମ୍ପରେ ଅଟୋ ବା ଟ୍ରକର ଲମ୍ବା ଲାଇନ୍ ଲାଗିଥିବା ଫଟୋଚିତ୍ର ନିଶ୍ଚୟ ପ୍ରକାଶିତ ହେବା ଦରକାର । ଚୟନର ଅନ୍ୟ ଆଧାର ଫଟୋଗ୍ରାଫ ନିଜେ ଅଟେ । ଯଦି କୌଣସି ଫଟୋଗ୍ରାଫ୍ ଅଧିକା ପ୍ରଭାବଶାଳୀ ହୁଏ କିମ୍ବା ସମାଚାରକୁ ଭଲଭାବରେ ସ୍ପଷ୍ଟ କରୁଥାଏ, ଏ କ୍ଷେତ୍ରରେ ତାହାର ପ୍ରକାଶ ପାଇବାର ସମୟ ମଧ୍ୟ ବଢ଼ିଯାଏ । ଉଦାହରଣ ସ୍ୱରୂପ ନଈବଢ଼ି ସମୟର ଦୃଶ୍ୟ ଯେଉଁଥିରେ ଘରର ଛାତ ହିଁ କେବଳ ପାଣିର ଉପରେ ନଜର ଆସିଥାଏ ଏହାର ପ୍ରଭାବ ସେହି ବଢ଼ିର ବର୍ଣ୍ଣନା କରାଯାଉଥିବା ହଜାର ଶବ୍ଦ ମଧ୍ୟରୁ ଅଧିକ ଅଟେ ।

ପାଠକଙ୍କୁ କ'ଣ ପସନ୍ଦ ଆସିବ, ସମାଚାର ପତ୍ରରେ ଦିଆଯାଇଥିବା ଫଟୋଗ୍ରାଫ୍ ଚୟନର ଏହା ମଧ୍ୟ ଆଧାର ଅଟେ । ସୁତରାଂ ସ୍ଥାନୀୟ ଆୟୋଜନର ଫଟୋଗ୍ରାଫ୍ ଯେପରି ବିଦ୍ୟାଳୟ ବିଦ୍ୟାଳୟ ମଧ୍ୟରେ

ଟୀପ୍ପଣୀ

କ୍ରୀଡ଼ା ପ୍ରତିଯୋଗିତା ତଥା ନୂତନ ସ୍କୁଲ ଗୃହର ଉଦ୍‌ଘାଟନର ଘଟଣା ପ୍ରକାଶିତ ହୋଇଯାଏ ।

ଯେତେବେଳେ ଫଟୋ ସାମ୍ବାଦିକ ଫଟୋଫିଚର ଉପରେ କାମ କରୁଥାଏ ସେତେବେଳେ ଅଲଗା କାର୍ଯ୍ୟଶୈଳୀ ତଥା ଅଲଗା ପ୍ରକାରର ପ୍ରସ୍ତୁତିର ଆବଶ୍ୟକତା ହୋଇଥାଏ । ଯଦି ଚିତ୍ର ବ୍ୟକ୍ତିତ୍ୱ ଉପରେ ହୋଇଥାଏ, ସେତେବେଳେ ଫଟୋ ସାମ୍ବାଦିକଙ୍କ ପାଇଁ ଧୈର୍ଯ୍ୟଶକ୍ତି ନିହାତି ଦରକାର ତଥା ତାଙ୍କୁ ଫଟୋଗ୍ରାଫ୍ ନେବାପାଇଁ ସେହି ବ୍ୟକ୍ତିର ବିଶ୍ୱାସ ଅର୍ଜନ କରିବା ନିହାତି ଦରକାର । ଅଧିକାଂଶ ଲୋକ ଯେତେବେଳେ କ୍ୟାମେରା ସେମାନଙ୍କ ଉପରେ କେନ୍ଦ୍ରିଭୂତ ହୁଏ, ସେମାନେ ସତର୍କ ହୋଇଯାନ୍ତି କିମ୍ବା ଲଜ୍ଜିତ ହୋଇଯାନ୍ତି ଯାହାକି ସେମାନଙ୍କର ବ୍ୟବହାର ସାଧାରଣ ପରି ହୋଇପାରେ ନାହିଁ । ତେଣୁ ଫଟୋ ସାମ୍ବାଦିକଙ୍କୁ ଏପରି କାମ କରିବା ଦରକାର, ଯାହାକି ଯେଉଁମାନଙ୍କର ସେମାନେ ଫଟୋଗ୍ରାଫ୍ ନେବେ, ସେମାନଙ୍କୁ ଫଟୋ ସାମ୍ବାଦିକଙ୍କର ଉପସ୍ଥିତ ହେବାର ସୂଚନା ନ ହେବା ଦରକାର । ଏହାର ସବୁଠାରୁ ଭଲ ଉପାୟ ହେଉଛି ଯାହାର ଫଟୋଗ୍ରାଫ୍ ନେବା ଦରକାର ତାଙ୍କ ସଙ୍ଗରେ ଫଟୋ ସାମ୍ବାଦିକ କିଛି ସମୟ ବିତାଇବା ଦରକାର ଯେଭଳି କି ସେମାନେ କ'ଣ କରୁଛନ୍ତି ଏହା ଜାଣିବା ପାଇଁ ତଥା ଫଟୋ ଉଠାଇବାର ଉଦ୍ଦେଶ୍ୟ ମଧ୍ୟ ସେମାନଙ୍କୁ ଏହିପରି ଭାବରେ ଯଦି ଫଟୋଗ୍ରାଫ୍ ନିଆଯିବ, ତେବେ ସେମାନେ ଫଟୋ ସାମ୍ବାଦିକଙ୍କ ତାତ୍ପର୍ଯ୍ୟ ବିଷୟରେ ଅଧିକ ଜିଜ୍ଞାସୁ ଅଥବା ଚିନ୍ତିତ ହେବେନାହିଁ ତଥା କ୍ୟାମେରା ଆଡ଼କୁ ସାମାନ୍ୟ ଭାବରେ ନିଜର ବ୍ୟବହାର ପ୍ରଦର୍ଶନ କରିବେ, ଯେତେବେଳେ କି କ୍ୟାମେରା ସେମାନଙ୍କ ଉପରେ କେନ୍ଦ୍ରିଭୂତ ହେବ ।

## ପାଠ୍ୟଗତ ପ୍ରଶ୍ନ ୨୮.୧

୧. ଦୁଇଟି ଘଟଣା ବା ଆୟୋଜନକୁ ବୁଝାନ୍ତୁ ଯାହା ପାଇଁ ଫଟୋ ସାମ୍ବାଦିକ ପ୍ରସ୍ତୁତ ଥାଏ, ତଥା ଦୁଇଟି ଘଟଣା ବା ଆୟୋଜନକୁ ବୁଝାନ୍ତୁ, ଯାହା ପାଇଁ ଫଟୋ ସାମ୍ବାଦିକ ପ୍ରସ୍ତୁତ ନ ଥାଏ ।

୨. ଫଟୋ ସାମ୍ବାଦିକଙ୍କର ଭୂମିକା କ'ଣ ଅଟେ ?

୩. ଫଟୋ ସାମ୍ବାଦିକ ଫଟୋଫିଚର୍ କିପରି ପ୍ରସ୍ତୁତ କରନ୍ତି ?

## ୨୮.୨ ନୀତିଶାସ୍ତ୍ର ତଥା ଫଟୋ ସାମ୍ବାଦିକ

ଫଟୋ ସାମ୍ବାଦିକତାରେ ନୈତିକତା ଏକ ମହତ୍ତ୍ୱପୂର୍ଣ୍ଣ ଶବ୍ଦ ଅଟେ । ନୈତିକତା ଏକ ସାମାନ୍ୟ ସିଦ୍ଧାନ୍ତ ଅଟେ ଯାହା ଲୋକମାନଙ୍କ ବ୍ୟବହାରକୁ ପ୍ରଭାବିତ କରିଥାଏ । ସାମ୍ବାଦିକ ନୈତିକତା ଏହା ନୈତିକ ସିଦ୍ଧାନ୍ତ ଅଟେ ଯାହା ସବୁ ସାମ୍ବାଦିକତାରେ ବ୍ୟବହାରକୁ ପରିଚାଳନା କରିଥାଏ । ଏହା ସାମ୍ବାଦିକଙ୍କୁ ଭୁଲ୍ ଠିକ୍‌ର ଚୟନ କରିବାରେ ନିର୍ଦ୍ଦେଶନା ଜାରି କରିଥାଏ । ସତ୍ୟତା ଏକ ମହତ୍ତ୍ୱପୂର୍ଣ୍ଣ ନୀତିଶାସ୍ତ୍ର ଅଟେ । ଗୋଟିଏ ଫଟୋ ସାମ୍ବାଦିକଙ୍କୁ ସବୁବେଳେ ଏପରି ଛବି ଉତ୍ତୋଳନ କରିବା ଦରକାର ଯାହାକି ସତ୍ୟକୁ ସର୍ବଦା ଉଦ୍‌ଘାଟନ କରୁଥିବ ।

ଡିଜିଟାଲ ଯୁଗରେ ନୀତି ସଂହିତାର ବିଷୟ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ । ଯେବେଠାରୁ କମ୍ପ୍ୟୁଟରରେ ଫଟୋଗ୍ରାଫର୍ ପରିବର୍ତ୍ତନ ବହୁ ସହଜ ହୋଇଯାଉଛି । ଏହା ବିଶ୍ୱାସ କରାଯାଏ ଯେ କ୍ୟାମେରା ମିଛ କହେ ନାହିଁ । କିନ୍ତୁ ଏବେ କମ୍ପ୍ୟୁଟରର ମାଉସର ଗୋଟିଏ କ୍ଲିକ୍ ସମୁଦାୟ ଭାବରେ ଫଟୋଗ୍ରାଫ୍‌କୁ ବଦଳାଇ ଦେବାରେ ସାହାଯ୍ୟ କରୁଛି । ସୁତରାଂ ଏହିସବୁ ଜିନିଷକୁ ତଥା ଘଟଣାକୁ ରେକର୍ଡ଼ କରିବା ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ ଆପଣ କୌଣସି ବ୍ୟକ୍ତିଙ୍କୁ ସିଗାରେଟ୍ ପିଇବାର ଦେଖେଇ ପାରିବେ, ଯିଏ କି ଜୀବନରେ କେବେ ସିଗାରେଟ୍ ପିଇ ନାହାଁନ୍ତି ଅଥବା ତାଙ୍କୁ ଏଭଳି ଲୋକଙ୍କ ସାଙ୍ଗରେ ଦେଖାଇ ପାରିବେ ଯେଉଁଥିରେ ସେ କେବେ ମଧ୍ୟ ମିଶି ନଥିବେ । ଆପଣ ସେହି ଜାଗା ଉପରେ ଅଧିକ ଭିଡ଼ ଦେଖାଇପାରିବେ, ଯେଉଁଠାରେ ଫଟୋ ନେବା ସମୟରେ କିଛି ମାତ୍ର ଲୋକ ଏକାଠି ହୋଇଥିବେ । ଆପଣ ଲୋକଙ୍କୁ ବିଦେଶରେ ଥିବା କୌଣସି ପ୍ରସିଦ୍ଧ ସ୍ମୃତିସ୍ତମ୍ଭ ସମ୍ମୁଖରେ ଠିଆ କରାଇବା ଦେଖାଇପାରିବେ

ଯେଉଁଠାକୁ ସେ କେବେ ମଧ୍ୟ ଯାଇ ନ ଥିବେ ।

ଏହିଭଳି ଭାବରେ ଚିତ୍ରରେ କାଟ୍‌ଛାଟ୍ ବୁନିୟାଦି ସାମ୍ବାଦିକତାର ନୀତିର ଉଲ୍ଲଙ୍ଘନ ଅଟେ । ଫଟୋ ସାମ୍ବାଦିକଙ୍କ ପାଇଁ ସତ୍ୟକୁ କ୍ୟାମେରା ମଧ୍ୟରେ ବାନ୍ଧିରଖିବା ଅନିବାର୍ଯ୍ୟ ଅଟେ । ଏହାର ଅଭିପ୍ରାୟ ଫଟୋ ସାମ୍ବାଦିକ ସେହି ଫଟୋକୁ ଉଠାଇବେ ଯାହା ଘଟିଛି ତଥା ଯେବେ ଘଟିଛି । ସେ ପରିସ୍ଥିତିର ସୃଷ୍ଟିକରିବା ଦରକାର ନ ଥାଏ କିମ୍ବା ଫଟୋଗ୍ରାଫ୍‌କୁ ଯେଉଭଳି କି ରୁଚିକର କରିବା ଦରକାର ସେଉଭଳି ଅନ୍ୟ ଜିନିଷକୁ ଏହା ମଧ୍ୟରେ ସମାବେଶ ନ କରାଇବା ଦରକାର ।

ଏହା ମଧ୍ୟ ସାମ୍ବାଦିକତା ନୀତିର ବିରୁଦ୍ଧ ଅଟେ । ଲୋକମାନଙ୍କୁ ପ୍ରସ୍ତୁତ କରି ଫଟୋ ଉଠାଇବା । ଉଦାହରଣ ସ୍ୱରୂପ ଫଟୋ ସାମ୍ବାଦିକଙ୍କୁ ଯଦି ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ଯୋଜନାର ଫଟୋ ଉଠାଇବା ଦରକାର ତାଙ୍କୁ ଭୋଜନ ସମୟରେ ସ୍କୁଲକୁ ଯାଇ ଯାହା ଦେଖନ୍ତି ତାହାର ଫଟୋ ଉଠାଇବା ଦରକାର । ଏଠାରେ ପିଲାମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେବ । ପରସା ଯିବା କିମ୍ବା ଖାଦ୍ୟ ଖାଇ ପିଲାମାନଙ୍କର କିଛି ବି ହୋଇପାରେ କିନ୍ତୁ ଯଦି ଏମାନେ ପିଲାମାନଙ୍କର ଏକ ସାମୂହିକ ପ୍ରସ୍ତୁତି ତିଆରି କରନ୍ତେ ଯେପରି କି ସ୍କୁଲ ପୋଷାକରେ, ଲମ୍ବା ଧାଡ଼ି ଆଗରେ ବସିକରି ପ୍ଲେଟ୍ ପକାଇ ଯାହାକି ଲାଗିବ, ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ଖାଦ୍ୟ ନେଉଅଛନ୍ତି, ଏହା ମଧ୍ୟ ପତ୍ର ସାମ୍ବାଦିକତାର ନୀତିର ବିରୁଦ୍ଧାଚରଣ କରିଥାଏ ।

ନିଜର ବ୍ୟବସାୟିକ ଉତ୍ତର ଦାୟିତ୍ୱ ଜାଗ୍ରତ ଥିବା ଫଟୋ ସାମ୍ବାଦିକ କେବେ ବି ନିଜର ଫଟୋକୁ କାଟ୍‌ଛାଟ୍ କରି କୌଣସି ଘଟଣାର ଉପସ୍ଥାପନା ନିଜ କ୍ୟାମେରାର ସହାୟତାରେ ନିଜର ଲାଭ ପାଇଁ କରିବ ନାହିଁ ।

## ପାଠ୍ୟଗତ ପ୍ରଶ୍ନ ୨୮.୨

୧. ନିମ୍ନଲିଖିତ ମଧ୍ୟରୁ ସତ୍ୟ ତଥା ଅସତ୍ୟ ଚିହ୍ନାନ୍ତୁ ।

i) ସତ୍ୟତା ମହତ୍ତ୍ୱପୂର୍ଣ୍ଣ ସାମ୍ବାଦିକ ନିୟମ ଅଟେ ନାହିଁ ।

ii) ଚିତ୍ରରେ କାଟ୍‌ଛାଟ୍ ବୁନିୟାଦି ସାମ୍ବାଦିକ ନିୟମର ଉଲଘଂନ ଅଟେ ।

iii) ଡିଜିଟାଲ୍ ଯୁଗରେ କମ୍ପ୍ୟୁଟର୍‌ରେ କୌଣସି ଛବିର କାଟ୍‌ଛାଟ୍ ସମ୍ଭବ ଅଟେ ।

iv) ଜଣେ ଫଟୋ ସାମ୍ବାଦିକ ନିଜର ସୁବିଧା ଅନୁସାରେ କୌଣସି ପରିସ୍ଥିତିର ସୃଷ୍ଟିତଥା ପୁନଃବାର ସୃଷ୍ଟି କରିପାରେ ।

## ୨୮.୩ ଭାରତରେ ଫଟୋ ସାମ୍ବାଦିକତା

ଦୁଇବର୍ଷର ଖୋଜିବା ଭିତରେ ଭାରତରେ ଫଟୋଗ୍ରାଫିର ପ୍ରବେଶ ହୋଇଯାଇଥିଲା । ବ୍ରିଟିଶ୍ ଶାସନ କାଳରେ ବ୍ରିଟିଶ୍ ଫଟୋଗ୍ରାଫରଙ୍କ ଦ୍ୱାରା ଦେଶ ତାର ଦୃଶ୍ୟାବଳୀ ତଥା ସ୍ମୃତିସ୍ତମ୍ଭମାନଙ୍କର ଫଟୋଗ୍ରାଫ୍ ନେବା ଆରମ୍ଭ କରି ଦେଇଥିଲା । ଯେତେବେଳେ ୧୮୫୭ ମସିହାରେ ପ୍ରଥମ ସ୍ୱତନ୍ତ୍ରତା ସଂଘର୍ଷ ଆରମ୍ଭ ହୋଇଥିଲା ଏହା ଦୁନିଆର ପ୍ରଥମ ଯୁଦ୍ଧ ଫଟୋଗ୍ରାଫିର ହିସାବରେ ଗୋଟିଏ ଥିଲା ଯାହାର କିଛି ଫଟୋଚିତ୍ର ଆପଣ ପତ୍ରପତ୍ରିକାରେ ଦେଖିପାରିବେ ।

ପରେ ଯେତେବେଳେ କ୍ୟାମେରା ଆକାରରେ ଛୋଟ ଥିଲା ଫଟୋ ସାମ୍ବାଦିକତାକୁ ବ୍ୟାପକ ଲୋକପ୍ରିୟତା ମିଳିଲା । ଭାରତରେ ବିଭିନ୍ନ ରାଜନୈତିକ ଘଟଣାକ୍ରମେ ବିଶେଷ କରି ଏହି ସ୍ୱତନ୍ତ୍ରତା ଆନ୍ଦୋଳନ ସମୟରେ ଘଟିଥିଲା । ଏହି ସମସ୍ତ ଫଟୋ ସାମ୍ବାଦିକଙ୍କୁ ଫଟୋ ନେବାରେ ବହୁ ସୁଯୋଗ ଉପଲବ୍ଧ କରାଇଛି ।

ଟୀପ୍‌ପଣୀ

ରାଜା ଦୀନ ଦୟାଲ ଭାରତରେ ପ୍ରଥମ ପ୍ରସିଦ୍ଧ ଫଟୋ ସାମ୍ବାଦିକ ଥିଲେ । ସେ ଭାରତରେ ଷଷ୍ଠ ହାଇଦ୍ରାବାଦ ନିଜାମଙ୍କ ଦରବାରରେ ଫଟୋଗ୍ରାଫର ଥିଲେ । ଯେହେତୁ ସେ ଏକମାତ୍ର ଦେଶୀ ଫଟୋଗ୍ରାଫ୍‌ର ଥିଲେ ।



ଚିତ୍ର ୨୮.୧ ରାଜା ଦିନ୍ ଦୟାଲ

ବ୍ରିଟିଶ ଭାରତର ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସେ ତାଙ୍କ ପଛରେ ଛାଡ଼ି ଯାଇଛନ୍ତି । ସେହି ସମୟରେ ସୁନିଲ ଜାନାହା ମଧ୍ୟ ଜଣେ ସକ୍ରିୟ ପ୍ରସିଦ୍ଧ ଫଟୋ ସାମ୍ବାଦିକ ଥିଲେ । ଜଣେ ରାଜନୈତିକ କର୍ମକର୍ତ୍ତା ତଥା ସାମ୍ବାଦିକ ହିସାବରେ ନିଜର ସମାଚାର ପତ୍ର ପାଇଁ ଲେଖିବା ସମୟରେ ସୁନିଲ୍ ଜାନ୍‌ହା ଭାରତରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଆଧାରିତ ଚିତ୍ର ଉଠାଇଥିଲେ ତଥା ବ୍ରିଟିଶ୍ ରାଜତ୍ୱକାଳରେ ଭାରତୀୟ ସ୍ୱତନ୍ତ୍ରତା ପରିବର୍ତ୍ତନର ମହତ୍ତ୍ୱପୂର୍ଣ୍ଣ କାଗଜପତ୍ର ତିଆରି କରିଥିଲେ । ତାଙ୍କର ଭାରତ ବିଭାଜନ, ଦେଶର ଲୋକ, ବିଶେଷ କରି ଆଦିବାସୀ ଲୋକ ତଥା ବ୍ୟବସାୟ ଏବଂ ମନ୍ଦିର ସୃଷ୍ଟିର ଫଟୋଗ୍ରାଫ୍ ବହୁତ ପ୍ରସିଦ୍ଧ ଅଟେ । ସୁନିଲ୍ ଜାନ୍‌ହାଙ୍କର ନେହେରୁ ଏବଂ ଗାନ୍ଧିଜୀଙ୍କ ଚିତ୍ର ଆମକୁ ଏବେ ସବୁ ସ୍ଥାନରେ ଦେଖିବାକୁ ମିଳୁଛି ।



ଚିତ୍ର ୨୮.୨ସୁନିଲ୍ ଜାନ୍‌ହାଙ୍କ ଦ୍ୱାରା ନିଆଯାଇଥିବା ଏକ ଫଟୋ

ଏଠାରେ ଆହୁରି ଏକ ନାମ ଆସୁଛି ଯିଏକି ପୁରୁଷ ପ୍ରଧାନ ଏହି ସାମ୍ବାଦିକତା ବ୍ୟବସାୟରେ ପ୍ରଥମ ମହିଳା ଫଟୋ ସାମ୍ବାଦିକା ଥିଲେ । ସେ ଥିଲେ ହିମାଇ ବ୍ୟାରାଓ୍ୱାଲା । ତାଙ୍କର କାମ ପ୍ରଥମ ଥରପାଇଁ ୧୯୩୮ ମସିହାରେ ବମ୍ବେ କ୍ରନିକାଲ୍‌ରେ ପ୍ରକାଶିତ ହୋଇଥିଲା ତଥା ପରେ ସେହି ସମୟରେ ପ୍ରକାଶିତ କିଛି ପ୍ରମୁଖ ପ୍ରକାଶନରେ । ସେ ଇଲୁଷ୍ଟ୍ରେଟେଡ୍ ଓ୍ୱିକ୍ଲି ଅଫ୍ ଇଣ୍ଡିଆ ପାଇଁ ମଧ୍ୟ କାମ କରିଥିଲେ ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧ

ସମୟରେ ଭାରତରେ ଯୁଦ୍ଧକାଳୀନ ଗତିବିଧିର ପ୍ରତ୍ୟେକ ମୁହୂର୍ତ୍ତକୁ କ୍ୟାମେରା ମଧ୍ୟରେ ବାନ୍ଧି ରଖିଥିଲେ । ତାଙ୍କର ସ୍ୱତନ୍ତ୍ରତା ଆନ୍ଦୋଳନର ଦସ୍ତାବିଜ୍‌କରଣ ମହତ୍ତ୍ୱପୂର୍ଣ୍ଣ ଅଟେ । ସେ ୧୯୭୦ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଫଟୋଗ୍ରାଫର୍ ରୂପରେ ସକ୍ରିୟ ରହି ସମସ୍ତ ଫଟୋ ସାମ୍ବାଦିକଙ୍କ ମଧ୍ୟରେ ଉଚ୍ଚ ସମ୍ମାନର ଅଧିକାରିଣୀ ହୋଇଥିଲେ ।



ଚିତ୍ର ୨୮.୩ ହୋମାଇ ବ୍ୟାରାୱାଲା

ଏହା ବ୍ୟତୀତ କିଛି ବିଦେଶୀ ଫଟୋଗ୍ରାଫର୍ ଥିଲେ ଯେଉଁମାନେ ଭାରତରେ ଫଟୋଗ୍ରାଫି କରିବାକୁ ପସନ୍ଦ କରୁଥିଲେ । ସେମାନଙ୍କ ମଧ୍ୟରୁ ହେନ୍‌ରୀ କାର୍ଟିୟର୍ ବ୍ରେସନ୍‌ଙ୍କ ନାମ ପ୍ରସିଦ୍ଧି ଲାଭ କରିଥିଲା । ହେନରୀ କାର୍ଟିୟର ବ୍ରେସନ୍ ଜଣେ ଫରାସୀ ଥିଲେ ତଥା ତାଙ୍କର ନାମ ଦୁନିଆରେ ସର୍ବଶ୍ରେଷ୍ଠ ଫଟୋ ସାମ୍ବାଦିକ ହିସାବରେ ଗଣତି କରାଯାଉଥିଲା । ୧୯୪୦ରେ ସେ ଭାରତ ଯାତ୍ରାରେ ଆସିଥିଲେ ତଥା ପରେ ବର୍ଷକ ଅନ୍ତରରେ ତାଙ୍କର ପୁନରାବର୍ତ୍ତନ ହୋଇଥିଲା । ତାଙ୍କର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଫଟୋଗ୍ରାଫ୍ ଥିଲା ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଗାନ୍ଧୀଜୀଙ୍କ ମୃତ୍ୟୁର ଘୋଷଣା । ତାଙ୍କର ପୁସ୍ତକ 'ହେନ୍‌ରୀ କାର୍ଟିୟର ବ୍ରେସନ୍ ଇନ୍ ଇଣ୍ଡିଆ' ବହୁ ପ୍ରସିଦ୍ଧି ଲାଭ କରିଥିଲା ।



Fig. 28.4 (a): Henri Curtier Bresson



ଚିତ୍ର ୨୮.୪(ଝ)ହେନେରୀ କାରଟିଏର୍ ବ୍ରେସନଙ୍କ ଦ୍ୱାରା ନିଆଯାଇଥିବା ଏକ ଫଟୋ

ସ୍ୱତନ୍ତ୍ରତା ପରବର୍ତ୍ତୀ ଫଟୋ ସାମ୍ବାଦିକତାରେ ରଘୁ ରାୟଙ୍କ ନାମ ସର୍ବାଧିକ ପ୍ରସିଦ୍ଧ ଥିଲା । ରାୟଙ୍କ ଫଟୋଗ୍ରାଫ୍ ଏବେ ବି ଦେଖିବାକୁ ମିଳେ କାରଣ ସେ ଏବେ ବି ସକ୍ରିୟ ଅଛନ୍ତି । ୧୯୬୦ ମସିହାରେ ରଘୁ ରାୟ ଦିଲ୍ଲୀରୁ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ତଥା ମହତ୍ତ୍ୱପୂର୍ଣ୍ଣ ରାଷ୍ଟ୍ରିୟ ସମାଚାର ପତ୍ର ଯେପରି 'ହିନ୍ଦୁସ୍ଥାନ ଟାଇମ୍ସ' ତଥା 'ଷ୍ଟେଟ୍‌ସମ୍ୟାନ୍' ପାଇଁ ସେ କାମ କରୁଥିଲେ । ଏବେ ଶ୍ରୀ ରାୟ ସ୍ୱତନ୍ତ୍ର ଫଟୋଗ୍ରାଫର ରୂପରେ ସକ୍ରିୟ ଅଟନ୍ତି ତଥା ପୁରା ବିଶ୍ୱରେ ତାଙ୍କର ନାମକୁ ସମସ୍ତେ ସମ୍ମାନ କରନ୍ତି । ତାଙ୍କର ଇନ୍ଦିରାଗାନ୍ଧୀ ତଥା ମଦର ଟେରେସାଙ୍କ ଭଳି ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କର ଫଟୋଗ୍ରାଫ୍ ବହୁ ପ୍ରସିଦ୍ଧ ଅଟେ । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହତ୍ତ୍ୱପୂର୍ଣ୍ଣ ଘଟଣା ମଧ୍ୟରେ ଭୋପାଳ ଗ୍ୟାସ କାଣ୍ଡ, ବଙ୍ଗଳାଦେଶ ଯୁଦ୍ଧ ଆଦିର ଚିତ୍ରରେଖା କରିବା ସଂଗେ ସଂଗେ ଅନ୍ୟାନ୍ୟ ବିବିଧ ବିଷୟ ଯେପରିକି ଦିଲ୍ଲୀ, ତାଜମହଲ, ଶିଖ୍ ବନାରସ ଆଦି ଉପରେ ପୁସ୍ତକ ପ୍ରସ୍ତୁତ କରିଥିଲେ । ତାଙ୍କର ପ୍ରାଥମିକ ଚିତ୍ର କଳାଧଳା ଥିଲା କିନ୍ତୁ ପରବର୍ତ୍ତୀ ସମୟରେ ରଙ୍ଗୀନ ଫଟୋ ଚିତ୍ରକୁ ଆଦରେଇ ନେଇଥିଲେ । ସେ ସମସ୍ତ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଗୁଣବତ୍ତା ଥିଲା ।



ଚିତ୍ର ୨୮.୫ ରଘୁରାଜ

ପ୍ରଶାନ୍ତ ପାଞ୍ଜିୟର ବର୍ତ୍ତମାନ ସମୟର ଅନ୍ୟ ଏକ ସଫଳ ଫଟୋ ସାମ୍ବାଦିକ ଅଟନ୍ତି । ସେ କଲିକତାରେ ଜନ୍ମଗ୍ରହଣ କରିଥିଲେ ତଥା ନିଜେ ଜଣେ ସ୍ୱୟଂ ପ୍ରଶିକ୍ଷିତ ଫଟୋଗ୍ରାଫର ଅଟନ୍ତି ଯିଏକି ଦିଲ୍ଲୀରେ ବିଭିନ୍ନ ପତ୍ରିକା ପାଇଁ କାମ କରିଛନ୍ତି । ତାଙ୍କର ସବୁଠାରୁ ସଫଳ କର୍ମକ୍ଷେତ୍ର 'ଆଉଟ୍‌ଲୁକ' ପତ୍ରିକାର ପ୍ରଧାନ ଫଟୋଗ୍ରାଫର ତଥା ଯୁଗ୍ମ ସଂପାଦକ ଭାବରେ ରହିଅଛି । ସେ ଏହି ପତ୍ରିକାର ସଂସ୍ଥାପକ ସଦସ୍ୟ ରହିଛନ୍ତି ତଥା ସେ ଏଥିପାଇଁ ଲୋକମାନଙ୍କ ମଧ୍ୟରେ ଲୋକପ୍ରିୟତା ଅର୍ଜନ କରିଛନ୍ତି ତଥା 'ଆଉଟ୍‌ଲୁକ' ଆଜି ଭାରତରେ ଏକ ଅଗ୍ରଣୀ ପତ୍ରିକା ଭାବରେ ପ୍ରତିଷ୍ଠିତ ହୋଇଯାଇଛି । ଉପର ବର୍ଣ୍ଣିତ ନାମ ମାତ୍ର କିଛି ଫଟୋ ସାମ୍ବାଦିକଙ୍କ ନାମ ଅଟେ । ଏହା ବ୍ୟତୀତ ଆହୁରି ଅନେକ ଲୋକ ଅଛନ୍ତି ଯିଏକି ଦୁନିଆ ସାରା ମୁଦ୍ରଣ ମିଡ଼ିଆରେ ନିଜର ନାମ ଫଟୋ ସାମ୍ବାଦିକତା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି । ମୁଦ୍ରଣ ବ୍ୟବସ୍ଥାର କଳାତ୍ମକ ସୁଧାର ସଂଗେ ସଂଗେ ସମାଚାର ପତ୍ର ଅଧିକରୁ ଅଧିକ ରଂଗୀନ ଚିତ୍ରର ଆରମ୍ଭ କରିଦେଇଛି । ଏଥିରେ ଫଟୋ ସାମ୍ବାଦିକ କ୍ଷେତ୍ରରେ ପ୍ରଶିକ୍ଷିତ ଲୋକଙ୍କର ମର୍ଯ୍ୟାଦା ବହୁ ଗୁଣରେ ବୃଦ୍ଧିପାଇଛି ।

## ପାଠ୍ୟଗତ ପ୍ରଶ୍ନ ୨୮.୩

୧. ନିମ୍ନରେ ପ୍ରଦତ୍ତ ଫଟୋ ସାମ୍ବାଦିକଙ୍କ ନାମ ସେମାନଙ୍କ ନାମ ସହିତ ଯୋଗ କରନ୍ତୁ ।

| | |
|---|---|
| i) ହିମାଇ ବ୍ୟାୟାରୱାଲା | i) ଭାରତ ବିଭାଜନର ଫଟୋଗ୍ରାଫ୍ |
| ii) ହେନେରୀ କାର୍ଟିୟର ବ୍ରେସନ | ii) ମହାତ୍ମାଗାନ୍ଧୀଙ୍କ ମୃତ୍ୟୁର ଘୋଷଣା କରୁଥିବା ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଗ୍ରାଫ୍ । |
| iii) ପ୍ରଶାନ୍ତ ପଞ୍ଜିୟର | iii) ଦ୍ୱିତୀୟ ବିଶ୍ୱଯୁଦ୍ଧର ଫଟୋଗ୍ରାଫ୍ । |
| iv) ରଘୁ ରାୟ | iv) 'ଆଉଟ୍‌ଲୁକ' ପତ୍ରିକାରେ ଫଟୋଗ୍ରାଫ୍ |
| v) ସୁନିଲ ଜାନ୍‌ହା | v) ମଦର ଟେରେସାଙ୍କ ଫଟୋଗ୍ରାଫ୍ |

## ୨୮.୪ ଆପଣ କ'ଣ ଶିଖିଲେ

⇨ ଫଟୋ ସାମ୍ବାଦିକତାଙ୍କ ଭୂମିକା

- ◆ ଫଟୋ ସାମ୍ବାଦିକଙ୍କ ପ୍ରସ୍ତୁତି
- ◆ ସେହି ଆୟୋଜନ ଯାହା ପାଇଁ ଫଟୋ ସାମ୍ବାଦିକ ପ୍ରସ୍ତୁତ ଥାଆନ୍ତି ।
- ◆ ସେହି ଆୟୋଜନ/ ଘଟଣା ଯାହାପାଇଁ ଫଟୋ ସାମ୍ବାଦିକ ପ୍ରସ୍ତୁତ ନଥାନ୍ତି ।
- ◆ ଫଟୋ ସାମ୍ବାଦିକଙ୍କ ନିର୍ଣ୍ଣୟାତ୍ମକତା ତଥା ସମ୍ବେଦନଶୀଳତା
- ◆ ଫଟୋ ସାମ୍ବାଦିକଙ୍କ ଭୂମିକା
- ◆ ଫଟୋ ଉଠାଇବା ସମୟରେ ଫଟୋ ସାମ୍ବାଦିକଙ୍କ କାର୍ଯ୍ୟଶୈଳୀ
- ◆ ଫଟୋ ସାମ୍ବାଦିକତାରେ ବ୍ୟବସାୟଗତ ନୀତିନିୟମ ।
- ◆ ସତ୍ୟତା – ମହତ୍ତ୍ୱପୂର୍ଣ୍ଣ ପତ୍ର ସାମ୍ବାଦିକ ନୀତିନିୟମ
- ◆ ଫଟୋଗ୍ରାଫ୍‌ରେ କାଟ୍‌ଛାଟ୍ –ବୁନିୟାଦି ପତ୍ର ସାମ୍ବାଦିକ ନୀତିନିୟମର ଉଲଙ୍ଘନ ।


⇨ ଭାରତରେ ଫଟୋ ସାମ୍ବାଦିକତା

- ◆ ଭାରତରେ ଫଟୋଗ୍ରାଫିର ଆଗମନ
- ◆ ପ୍ରସିଦ୍ଧ ଫଟୋ ସାମ୍ବାଦିକ
- ◆ ସୁନିଲ୍ ଜାନ୍‌ହା
- ◆ ହୋମାଇ ବ୍ୟାୟାରାୱାଲା
- ◆ ହେନରୀ କାର୍ଟିୟର ବ୍ରେସନ୍
- ◆ ରଘୁ ରାୟ
- ◆ ପ୍ରଶାନ୍ତ ପାଞ୍ଜିୟର

## ୨୮.୫ ପାଠ୍ୟାନ୍ତ ଅଭ୍ୟାସ

୧. ସେହି କାରକଙ୍କୁ ବିସ୍ତାର ଭାବରେ ବର୍ଣ୍ଣନା କରନ୍ତୁ ଯାହାର ବିଭିନ୍ନ ଉଦ୍ଦେଶ୍ୟ ମଧ୍ୟରେ ଫଟୋ ଉଠାଇବା ସମୟରେ ଫଟୋ ସାମ୍ବାଦିକ ଧ୍ୟାନ ରଖିଥାଏ ।

୨. ଫଟୋ ସାମ୍ବାଦିକତାରେ ନୀତି ନିୟମର ଭୂମିକା ଡିଜିଟାଲ ଯୁଗରେ ଯେଉଁଠାରେ କମ୍ପ୍ୟୁଟରରେ କୌଣସି ଫଟୋଗ୍ରାଫକୁ ବଦଳାଇବା ସହଜ ଅଟେ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଛି ତାହା



ଟୀପ୍ପଣୀ

ଆଲୋଚନା କରନ୍ତୁ ।

୩. ସ୍ୱତନ୍ତ୍ରତା ପୂର୍ବ ତଥା ପର ଭାରତରେ ଫଟୋ ସାମ୍ବାଦିକ ଦ୍ୱାରା ସଂପାଦିତ ଭୂମିକାର ସ୍ୱଉଦାହରଣ ଆଲୋଚନା କରନ୍ତୁ ।

## ୨୮.୬ ପାଠ୍ୟଗତ ପ୍ରଶ୍ନର ଉତ୍ତର

**୨୮.୧ 1.** i) ରାଜନୈତିକ ବୈଠକ, ଫୁଟବଲ ମ୍ୟାଚ, କୌଣସି ଅନ୍ୟାନ୍ୟ

ii) ଦୁର୍ଘଟଣା, ଭୂମିକମ୍ପ, କୌଣସି ଅନ୍ୟାନ୍ୟ

2. ଫଟୋ ସଂପାଦକ ସେଇ ଚିତ୍ରକୁ ଚୟନ କରିଥାଏ ଯାହା ଦିନ ବିଶେଷକୁ ସମାଚାର ପତ୍ରରେ ପ୍ରକାଶିତ ହୁଏ । ଏଠାରେ ନିମ୍ନ ବାର୍ତ୍ତା ଉପରେ ନିର୍ଭର କରିଥାଏ । (୧) ଦିନର ମହତ୍ତ୍ୱପୂର୍ଣ୍ଣ ଘଟଣା ସମୂହ ଯାହାକି ଫଟୋଗ୍ରାଫର୍ ଦ୍ୱାରା ଆଗ୍ରହାନ୍ୱିତ ହୋଇଥାଏ । (୨) ତୁରନ୍ତ ପ୍ରଭାବଶାଳୀ ଚିତ୍ରର ଫଟୋଗ୍ରାଫ୍ ଯାହା ପୁରା କାହାଣୀକୁ ସ୍ପଷ୍ଟ କରିଥାଏ । (୩) ପାଠକମାନଙ୍କ ଆଗ୍ରହ

3. ଫଟୋଗ୍ରାଫର୍ ଧୈର୍ଯ୍ୟବାନ୍ ହେବା ଦରକାର ତଥା ଯାହାର ଫଟୋଗ୍ରାଫ୍ ନେବା ଦରକାର ତାଙ୍କର ବିଶ୍ୱାସଭାଜନ ହେବା ନିହାତି ଆବଶ୍ୟକ । ଫଟୋଗ୍ରାଫରଙ୍କୁ ଏପରି ବ୍ୟବହାର କରିବା ଦରକାର ଯେଉଁଥିରେ ସେଇ ଲୋକ ଯାହାର ଫଟୋନେବା ଦରକାର ଯେ ଯେପରି ସତର୍କ ରହିବା ଏପରି ନ ଭାବିବା ଦରକାର ତଥା କ୍ୟାମେରା ସେମାନଙ୍କ ଉପରେ ପଡ଼ିଲେ ସାମାନ୍ୟ ବ୍ୟବହାର ପ୍ରଦର୍ଶନ କରୁଥିବେ ।

**୨୮.୩ 2.** i) ଅସତ୍ୟ

ii) ସତ୍ୟ

iii) ସତ୍ୟ

iv) ଅସତ୍ୟ

**୨୮.୩ 3.** i) (ଗ)

ii) (ଖ)

iii) (ଘ)

iv) (ଚ)

v) (କ)